## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ହେମନ୍ତ



@ ବୋଲମଣି



@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।





ବୁଧବାର ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ମ୍ୟାଚ୍ ଦେଖିବାକୁ ଶିଶୁମାନେ ଷ୍ଟାଡିୟମକୁ ଯାଉଛନ୍ତି (ବାମ)। ଷ୍ଟାଡିୟମ ଗ୍ୟାଲେରିରେ ଜଣେ ଦର୍ଶକ ପିକେ ବେଶ ଧାରଣ କରିଛନ୍ତି।

# ମହିଳାଙ୍କ ଆର୍ଥିକ ଉନ୍ନତି ପ୍ରଗତିର ବାଟ ଫିଟାଇବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା ଅଫିସ,୧୫।୩**

ସୁନ୍ଦରଗଡ ଜିଲା ସମବାୟ ବ୍ୟାଙ୍କ ତରଫରୁ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ରାଉରକେଲା ଆଇଟିଡିଏ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲାପାଳ ଡଃ ଶୁଭଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସମୂହଙ୍କ ଆର୍ଥିକ ଉନ୍ନତି ମାଧ୍ୟମରେ ପ୍ରଗତିର ବାଟ ଫିଟିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ପାନପୋଷ ଏଆର୍‌ସିଏସ୍ ବିକାଶ କୁମାର ସାମଦ, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ତନ୍ମୟୀ ଶାସନୀ, ଅତିରିକ୍ତ କୃଷି ଅଧିକାରିଣୀ ଦୁଃଖିନୀ ବିଶି, ପାନପୋଷ ସିଡିପିଓ ମାନସୀରାଣୀ ନାୟକ, ଉଦିତନଗର ସିଡିପିଓ ଦର୍ଶନୀ ଏକ୍କା ଏବଂ ବ୍ୟାଙ୍କ ନିର୍ଦ୍ଦେଶକ ଯୋଗଦାନ ଦେଇ ମହିଳାମାନଙ୍କୁ ଋଣ ନେଇ ସ୍ୱାବଲମ୍ବୀ ହେବା ପାଇଁ କହିଥିଲେ। ରାଜ୍ୟ ସରକାର କିପରି ଏସ୍‌ଏଚ୍‌ଜି ମହିଳାଙ୍କୁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରୁଛନ୍ତି ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହାସହ ମୋଟ୍ ୮୫ଜଣଙ୍କୁ ପ୍ରାୟ ୪କୋଟି ୯୮ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ରାଉରକେଲା ସମବାୟ ଶାଖା ପରିଚାଳିକା ମୋନାଲିସା ନେଗୀଙ୍କ ତତ୍ତ୍ୱାବଧାନରେ ପୁରୁଣାପାଣି ଶାଖା ପରିଚାଳକ ଅବିନାଶ ମହାପାତ୍ର, ଫର୍ଟିଲାଇଜର ଶାଖା ପରିଚାଳକ ଅଲୀ ସେଠୀ ଓ ମହିଳା ଗୋଷ୍ଠୀ ପରିଚାଳିକା ମୁକ୍ତା ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଇବଗା ଲ୍ୟାମ୍ପ୍ ଏମ୍‌ଡି ଚିତ୍ତରଞ୍ଜନ ମହାନ୍ତି ସହଯୋଗ କରିଥିଲେ।

# ରାଉରକେଲାରେ ଡ୍ରାଇଭର ମହାସଂଘ ଆନ୍ଦୋଳନ

**ରାଉରକେଲା ଅଫିସ,୧୫।୩**

ରାଉରକେଲା ବାଲୁଘାଟ ବାଇପାସ ରାସ୍ତାରେ ବୁଧବାର ସକାଳ ୮ଟାରୁ ଓଡିଶା ଡ୍ରାଇଭର ମହାସଂଘ ଆନୁକୂଲ୍ୟରେ ଡ୍ରାଇଭର ଏକତା ମହାମଞ୍ଚ ତରଫରୁ ୧୦ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଖଚକ ବନ୍ଦ ଏବଂ ଷ୍ଟେରିଙ୍ଗ ଛାଡ ଆନ୍ଦୋଳନ ଜାରି ରହିଛି। ଜିଲା ଡ୍ରାଇଭର ମହାସଂଘ ଉପଦେଷ୍ଟା ବିଷ୍ଣୁ ଚରଣ ସ୍ୱାଇଁ, ମହାନଗର ନିଗମ ମହାସଂଘ ସଭାପତି ରନ କୁମାର ବିଶୋଇ, ଉପ ସଭାପତି ନବଜ୍ୟୋତି ମିଶ୍ର, ଉପଦେଷ୍ଟା ଜିତେନ ମହତୋ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର କିଷାନ, ସମ୍ପାଦକ ରାଜେଶ୍ୱର ମି, ସହ ସମ୍ପାଦକ ମିଲାସ କଣ୍ଡୁଇନାଙ୍କ ଓ ଲାଠିକଟା ବ୍ଲକ ସଭାପତି କାର୍ତ୍ତିକ ମଣ୍ଡଳଙ୍କ ନେତୃତ୍ୱରେ ରାଉରକେଲାର ଏକ ହଜାର ଡ୍ରାଇଭର ଏଥିରେ ସାମିଲ ହୋଇଛନ୍ତି।


**ରେଳ ଚକ କାରଖାନା**
ୟେଲାହାଙ୍କା, ବେଙ୍ଗାଲୁରୁ - ୫୬୦ ୦୬୪
ୱେବ୍‌ସାଇଟ୍: www.rwf.indianrailways.gov.in
आज़ादी का अमृत महोत्सव

**ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଡବ୍ଲ୍ୟୁଏଫ୍/ଏସ୍/୧୪୬/୨୦୨୨-୨୩/୧୦ ତାରିଖ: ୧୫।୦୩।୨୦୨୩**

**ଇ-ଟେଣ୍ଡର:** ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ/ଆର୍‌ଡବ୍ଲ୍ୟୁଏଫ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ୱେବ୍‌ସାଇଟ୍ **http://www.ireps.gov.in** ମାଧ୍ୟମରେ ସମ୍ପୃକ୍ତ କ୍ଷେତ୍ରରେ ଅଭିଜ୍ଞ/ପ୍ରତିଷ୍ଠିତ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍‌ରେ ବୈଦ୍ୟୁତିକ ଟେଣ୍ଡର ଆହ୍ୱାନ କରୁଛି।

| ଟେଣ୍ଡର ନଂ. | ଆର୍‌ଡବ୍ଲ୍ୟୁଏଫ୍‌ଏସ୍‌ଟିପିଟି_ସିଡବ୍ଲ୍ୟୁଡି_୧୦୦୦_୨୦୨୩-୨୪ | ଆର୍‌ଡବ୍ଲ୍ୟୁଏଫ୍‌ଏସ୍‌ଟିପିଟି_ସିଡବ୍ଲ୍ୟୁଡି_୨୫୦୦_୨୦୨୩-୨୪ |
|---|---|---|
| ଧାର୍ଯ୍ୟ ତାରିଖ ଓ ସମୟ | ୧୭।୦୪।୨୦୨୩ । ଟେଣ୍ଡର ସମାପ୍ତ ସମୟ: ୧୪.୧୫ ଘଟିକା | |
| କାର୍ଯ୍ୟର ପରିସର | ବିଭିନ୍ନ ରେଳ ୟୁନିଟ୍‌ରୁ ପରିତ୍ୟକ୍ତ ଚକ ଡିସ୍କଗୁଡ଼ିକୁ ରେଳ ଚକ କାରଖାନା, ୟେଲାହାଙ୍କା, ବେଙ୍ଗାଲୁରୁ-୫୬୦୦୬୪କୁ ସଡ଼କପଥରେ ପରିବହନ କରିବା । ରେଳପଥ ଦ୍ୱାରା ଲୋଡିଂ ଓ ଅନ୍‌ଲୋଡିଂ ମାଗଣାରେ କରାଯିବ । | |
| ଦୂରତା ସ୍ଲାବ୍ | ୫୦୦ରୁ ୧୦୦୦ କିମିରୁ ଊର୍ଦ୍ଧ୍ୱ | ୧୦୦୦ କିମିରୁ ଅଧିକ (୨୫୦୦ କିମିର ହାରାହାରି ଦୂରତା ସହିତ) |
| ପରିମାଣ | ୬,୦୦୦ ଏମ୍‌ଟି | ୨୬,୦୦୦ ଏମ୍‌ଟି |
| ଅଟକଳ ଟେଣ୍ଡର ମୂଲ୍ୟ | ଟ.୨,୩୦,୪୦,୦୦୦/- | ଟ.୧୬,୬୪,୦୦,୦୦୦/- |
| ଇଏମ୍‌ଡି ପରିମାଣ | ଟ.୨,୬୫,୨୦୦/- | ଟ.୯,୮୨,୦୦୦/- |
| ଠିକା ଅବଧି | କାର୍ଯ୍ୟ ଆରମ୍ଭ ହେବା ତାରିଖରୁ ୧୨ (ବାର) ମାସ । | |

ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ


# ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ

**ରାଉରକେଲା ଅଫିସ,୧୫।୩**




କାର୍ଯ୍ୟାନ୍ୱୟନ କମିଟି ବୈଠକରେ ମଞ୍ଚାସୀନ ଅତିଥିଗଣ।

ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟିର ଅର୍ଦ୍ଧବାର୍ଷିକ ବୈଠକ ଇଣ୍ଡୋ-ଜର୍ମାନ କ୍ଲବ ବନ୍ଧନ ହଲ୍‌ରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ରାଜଭାଷା (କାର୍ଯ୍ୟାନ୍ୱୟନ)ର ସହାୟକ ନିର୍ଦ୍ଦେଶକ ନିର୍ମଳ କୁମାର ଦୁବେ ଏବଂ ଆର୍‌ଏସ୍‌ପି ଲୋକ ସମ୍ପର୍କ ବିଭାଗର ଡିଜିଏମ୍ ଏବଂ ସଞ୍ଚାର ମୁଖ୍ୟ ତଥା ଟଲିକର ସଦସ୍ୟ ସଚିବ ଅର୍ଚ୍ଚନା ଶତପଥି ମଞ୍ଚାସୀନ ଥିଲେ। ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା, ବ୍ୟାଙ୍କ, ବୀମା କମ୍ପାନୀ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଦି ସଂସ୍ଥାରୁ ୩୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। ରାଜଭାଷା ପ୍ରଚାର ପ୍ରସାର ପାଇଁ ଆର୍‌ଏସ୍‌ପି ଦ୍ୱାରା ଗ୍ରହଣ କରାଯାଉଥିବା ବିବିଧ ପଦକ୍ଷେପ ଓ ରାଜଭାଷାର ପ୍ରସାରର ଦାୟିତ୍ୱ ବିଷୟରେ ମୁଖ୍ୟଅତିଥି ଉଲ୍ଲେଖ କରିଥିଲେ। ଦୃଢ ଇଚ୍ଛାଶକ୍ତି ରାଜଭାଷାର ପ୍ରସାର ନିମନ୍ତେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଇଣ୍ଡଷ୍ଟ୍ରି ୪.୦ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ରାଜଭାଷା ଉପଯୋଗ ଲାଗି କୌଶଳ ଅନୁସନ୍ଧାନ ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ନିର୍ମଳ କୁମାର ଦୁବେ ସଦସ୍ୟ ପ୍ରତିଷ୍ଠାନ ଗୁଡିକ ଦ୍ୱାରା ରାଜଭାଷାର କାର୍ଯ୍ୟାନ୍ୱୟନରେ ପ୍ରଗତିର ସମୀକ୍ଷା କରିଥିଲେ। ଅର୍ଚ୍ଚନା ଶତପଥି ସ୍ୱାଗତ ଭାଷଣ ଦେଇ ରାଜଭାଷାର ପ୍ରଚାର ପ୍ରସାର ପାଇଁ ହିନ୍ଦୀ ଭାଷା ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ସବରେ ଆର୍‌ଏସ୍‌ପି ଲୋକ ସମ୍ପର୍କ ଏବଂ ରାଜଭାଷା ବିଭାଗ ଏଜିଏମ୍ ସୁଶ୍ରୀ ଲଲାଟ ଟପ୍ପୋ ବିବରଣୀ ପାଠ କରିଥିଲେ। କାନାରା ବ୍ୟାଙ୍କ ରାଜଭାଷା ବିଭାଗର ମ୍ୟାନେଜର ବିଶ୍ୱନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଲ୍‌ଆଇସି ଅଫ୍ ଇଣ୍ଡିଆର କେ. ଶୋଭା ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବହନ ଶ୍ରମିକଙ୍କ ବିକ୍ଷୋଭ, ଧାରଣା

**ରାଉରକେଲା ଅଫିସ,୧୫।୩**

ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ବୁଧବାର ସିଟୁ ନେତୃତ୍ୱରେ ପରିବହନ ଶ୍ରମିକମାନେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଛନ୍ତି। ସିଟୁର ରାଜ୍ୟ ଉପସଭାପତି ବିମାନ ମାଇତି, ବରିଷ୍ଠ ଆଇନଜୀବୀ ରାଜକିଶୋର ପଧାନ କହିଥିଲେ ଯେ, ରାଜ୍ୟରେ ପରିବହନ ଶ୍ରମିକ ସର୍ବାଧିକ ନିର୍ଯାତିତ। ସରକାରୀ ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ପରିବହନ କ୍ଷେତ୍ରରେ କାର୍ଯ୍ୟକାରୀ ହେଉନି। ପରିବହନ ଶ୍ରମିକମାନଙ୍କ ପାଇଁ ୮ଘଣ୍ଟା କାର୍ଯ୍ୟ ସମୟ ଲାଗୁ ହେଉନି। ଇଏସ୍‌ଆଇ, ଇପିଏଫ୍ ବୋନସ ମିଳୁନାହିଁ ବୋଲି ବକ୍ତାମାନେ କହିଥିଲେ। ବିକ୍ଷୋଭରେ ସମ୍ପାଦକ ଅଭୟ ମହାନ୍ତି, ଅରୁଣ ମହାରଣା, ଶୁଭେନ୍ଦୁ ମହାନ୍ତି, ବଜରଙ୍ଗୀ ଲୋହାର, ଭିମସେନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗଛରେ ଫାଶି ଦେଇ ଅଜଣା ଯୁବକ ମୃତ

**ରାଉରକେଲା ଅଫିସ,୧୫।୩**

ଟିମ୍ବରକଲୋନୀ ଅଞ୍ଚଳରେ ଥିବା ରାସ୍ତାକଡ ଏକ ଗଛରେ ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଙ୍କ ବୟସ ପାଖାପାଖି(୩୦) ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ରିପୋର୍ଟ ଲେଖାଯିବା (ରାତି ସାଢେ ୮ଟା) ପର୍ଯ୍ୟନ୍ତ ମୃତ ଯୁବକଙ୍କ କୌଣସି ପରିଚୟ ମିଳିନାହିଁ। ପୋଲିସ ବୁଧବାର ମୃତଦେହ ଜବତ କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୮।୨୩) ରୁଜୁ କରି ତଦନ୍ତ ଚଳାଇଛି।

# ଛତୁ ଚାଷ ତାଲିମ ଶିବିର ଉଦ୍‌ଘାଟିତ

**ନୂଆପଡ଼ା ଅଫିସ,୧୫।୩**

ନୂଆପଡା କୃଷି ବିଜ୍ଞାନ କେନ୍ଦ୍ର ଓ ସର୍ବଭାରତୀୟ ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପଙ୍କ ମିଳିତ ଆନୁକୂଲ୍ୟରେ ଛତୁ ଚାଷ ଓ ତାର ପ୍ରକ୍ରିୟା କରଣ ଉପରେ ଅନୁସୁଚିତ ଜାତିକୁ ନେଇ ଜିଲା କୃଷି ବିଜ୍ଞାନ କେନ୍ଦ୍ରଠାରେ ତିନି ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିରରେ ବିଭିନ୍ନ ବ୍ଲକରୁ ୨୫ଜଣ ମହିଳା ଓ ପୁରୁଷ ଚାଷୀ ଯୋଗଦେଇଥିଲେ। ଛତୁର ବିଭିନ୍ନ କିସମ, ରୋକପୋକ ପରିଚାଳନା, ବିଭିନ୍ନ ପ୍ରକ୍ରିୟା କରଣ, ଛତୁ ପାଉଡର, ଆଚାର, କେକ ପ୍ରସ୍ତୁତ କରିବା ଉପରେ ତାଲିମ ଦିଆଯାଇଥିଲା। ଛତୁ ଚାଷ ପ୍ରକଳ୍ପର ବିଭିନ ଦିଗ ଉପରେ ଆଲୋଚନା କରିବା ସହ ଭଲ ପେକିଙ୍ଗ, ଲେବେଲିଂ, ବଜାରିକରଣ ଉପରେ ମଧ୍ୟ ବୁଝାଇଥିଲେ।

# ବ୍ରାଉନ ସୁଗାର ଜବତ, ୪ ଗିରଫ

**ରାଉରକେଲା ଅଫିସ,୧୫।୩**



ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

ବ୍ରାଉନ ସୁଗାର ଚାଲାଣ ବେଳେ ପ୍ଲାଣ୍ଟସାଇଟ ପୋଲିସ ବୁଧବାର ଚଢାଉ କରି ୨୬୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମହତାବ ରୋଡ୍‌ର ହାସନ ଖାନ(୩୧), ପାନପୋଷ କୋଏଲ ବ୍ୟାଙ୍କର ନବୀନ ଓରଫ ନଦୀମ୍ ଖାନ(୩୩), ମହତାବ ରୋଡ୍‌ର ଏମ୍‌ଡ଼ି ପ୍ୟାରେ(୪୨) ଏବଂ ପ୍ଲାଣ୍ଟସାଇଟ ଆର୍‌ଡିଏ ବିଲ୍ଡିଂ ଅଞ୍ଚଳର ତାରିକ୍ ଅନୱର(୨୯)। ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୦/୨୩) ରୁଜୁ କରିଛି।

ପୋଲିସ ସୂଚନା ଅନୁସାରେ, ବୁଧବାର ସକାଳେ ୪ଜଣ ଯୁବକ ଗୋଟିଏ ବାଇକ୍ (ନଂ.ଓଡି୧୪ପି/୬୨୧୩) ଓ ସ୍କୁଟି (ନଂ.ଓଆର୧୪କିୟୁ/୧୫୨୦) ଯୋଗେ ରାଉରକେଲା ଟ୍ରାଫିକ୍ ଗେଟ୍ ଛକରୁ ରିଂରୋଡ୍ ଦେଇ ଯାଉଥିଲେ। ଏହି ସମୟରେ ପ୍ଲାଣ୍ଟସାଇଟ ପୋଲିସ ପାଟ୍ରୋଲିଂ ଟିମ୍‌ର ସବ୍ ଇନ୍ସପେକ୍ଟର ସିଦ୍ଧାର୍ଥ ପ୍ରଧାନ ସେମାନଙ୍କୁ ଅଟକାଇଥିଲେ। ପରେ ପୋଲିସ ଉକ୍ତ ଦୁଇଟି ଗାଡିକୁ ଯାଞ୍ଚ କରିବାରୁ ଡିକି ଭିତରେ ୨୬୦ ଗ୍ରାମ ବ୍ରାଉନସୁଗାର ଥିବା ଜଣାପଡିଥିଲା। ଯାହାର ଆନୁମାନିକ ମୂଲ୍ୟ ସାଢ଼େ ୭ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଦୁଇଟି ଗାଡି ସହ ୧୧୭୦ ଟଙ୍କା ଓ ୩ଟି ସ୍ମାର୍ଟଫୋନ ଜବତ କରିଥିଲା। ଏହା ପୂର୍ବରୁ ନଦୀମ ଓ ତାରିକ୍ ବ୍ରାଉନସୁଗାର କାରବାରରେ ଜଡିତ ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସହରରେ ବ୍ରାଉନସୁଗାର କାରବାର ରୋକିବା ପାଇଁ ପୋଲିସ ପକ୍ଷରୁ ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ପ୍ଲାଣ୍ଟସାଇଟ ଥାନାଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।


**OFFICE OF THE PANCHAYAT SAMITI, BHANJANAGAR (GANJAM)**
E-Mail: ori-bhanjanagar@nic.in, Ph.: 06821-241085
**TENDER CALL NOTICE No. 01/2022-23 & 02/2022-23 Dated 10.03.2023**
**INVITATION FOR COMPETITIVE BIDDING**

| Sl. No. | Name of the Work | Approximate Estimate Cost | E.M.D. 1% | Period of Completion | Eligibility of Contractor | Cost of Tender Paper Set (Non-refunable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Constuction of Dining & Multipurpose Hall at Darapangia Ashram School, Darapangia under Bhanjanagar Block | Rs.14,55,362/- | Rs.14,554/- | 6 (Six) Calendar Months | Class - "C" | Rs.6000/- (Rupees Six Thousand) + Rs.300/- (5%) GST (SGST + CGST) Non-refundable |
| 2 | Construction of Day Care Sub-Centre cum Health & Wellness Centre at Dihapadhala under Bhanjanagar Block | Rs.34,47,122/- | Rs.34,471/- | 12 (Twelve Calendar Months) | Class - "C" | Rs.6000/- (Rupees Six Thousand) + Rs.300/- (5%) GST (SGST + CGST) Non-refundable |

**Terms and Conditions:**
1. **Cost of Tender Paper:** The tender specification can be obtained from the office of the Block Development Officer, Bhanjanagar on payment towards the cost of tender papers as mentioned above (Non-refundable) in shape of Bank Draft or Demand Draft only (No other modes will be entertained) drawn in favour of Block Development Officer, Bhanjanagar in any Nationalized Bank having its branch at Bhanjanagar on any working day from Dt.16.03.2023 to Dt.30.03.2023 for the above work.
2. **Sale of Tender Papers:** The tender documents will be sold **from Dt.16.03.2023 to Dt.30.03.2023** at Block Office, Bhanjanagar between 10.00 A.M. to 5.00 P.M. on working days only.
3. **Date of receipt and mode of submission of Tender Papers:** The tenderers have to submit the sealed tender papers in complete shape through **Registered Post/Speed Post** only, by directly sending it to the B.D.O., Bhanjanagar in his official postal address. The last date of receipt of tender papers is 30.03.2023 upto 5.00 P.M. The undersigned will not be responsible for postal delay if any or non receipt of the papers in time. The tenders must superscribe the name of the work/project on the sealed envelope.
4. The details tender call notice and the bid documents will be available in the official website of Ganjam i.e. **www.ganjam.nic.in**.

**Sd./- Block Development Officer, Bhanjanagar**



ଏଲ୍ ଏଣ୍ଡ ଟି ସମ୍ବଲପୁର-ରାଉରକେଲା ଟୋଲୱେ ଲିମିଟେଡ୍

ଡିବିଏଫ୍‌ଓଟି ପ୍ରଣାଳୀ-ବିଲ୍ଡ ଏକ୍ସପ୍ରେସ ୱେରେ ବିଓଟି (ଟୋଲ୍) ପ୍ରକଳ୍ପ ଭାବରେ କାର୍ଯ୍ୟକାରୀ ହୋଇଥିବା ଓଡ଼ିଶା ରାଜ୍ୟରେ ରାଜ୍ୟ ରାଜପଥ-୧୦ର କି.ମି. ୪.୯୦୦ରୁ କି. ମି. ୧୬୭.୯୦୦ପର୍ଯ୍ୟନ୍ତ ସମ୍ବଲପୁର-ରାଉରକେଲା ସେକ୍ସନର ଘରିଥାକିଆ ପକ୍କା ରାସ୍ତା।

**ସର୍ବସାଧାରଣ ବିଜ୍ଞପ୍ତି**

**ଟୋଲ ପ୍ଲାଜା-୦୧ (କି.ମି. ୧୭.୦୨୫), ଟୋଲ ପ୍ଲାଜା-୦୨ (କି.ମି. ୭୧.୮୫୩) ଓ ଟୋଲ ପ୍ଲାଜା-୦୩ (କି.ମି. ୧୫୦.୦୭୫)ରେ ଓଡ଼ିଶା ରାଜ୍ୟ ସଡ଼କ ଟୋଲ୍ (ମୂଲ୍ୟ ଏବଂ ସଂଗ୍ରହ ନିର୍ଦ୍ଧାରଣ) ନିୟମ, ୨୦୧୧ (ଶୁଳ୍କ ନିୟମ)ର ବ୍ୟବସ୍ଥା ଅନୁଯାୟୀ ଉପଯୋଗକର୍ତ୍ତା ଶୁଳ୍କରେ ପରିବର୍ତ୍ତନ।**

ଏତଦ୍ ଦ୍ୱାରା ଜନସାଧାରଣଙ୍କୁ ସୂଚାଇ ଦିଆଯାଉଛି ଯେ, ପୂର୍ତ୍ତ ବିଭାଗ, ଓଡ଼ିଶା ସରକାରଙ୍କ ଗେଜେଟ୍ ବିଜ୍ଞପ୍ତି ନଂ. ୧୩୧୭ ତାରିଖ ୧୮ ଅଗଷ୍ଟ ୨୦୧୭ ଅନୁସାରେ ୪.୯୦୦ କି.ମି.ରୁ ୧୬୭.୯୦୦ କି.ମି. (ରାଜ୍ୟ ରାଜପଥ-୧୦ ରେ ସମ୍ବଲପୁର ରାଉରକେଲା ସେକ୍ସନ୍) ରେ ତାରିଖ ୦୧.୦୪.୨୦୨୩, ସମୟ ୦୦:୦୦:୦୦ ଘଣ୍ଟା ଠାରୁ ନିମ୍ନଲିଖିତ ଶୁଳ୍କ ସଂଗ୍ରହ ଲାଗୁହେବ।

| କ୍ର.ନଂ. | ଯାନର ବର୍ଗ | ଟୋଲ୍ ପ୍ଲାଜା-୦୧ (ନୂଆଁଖୁରିଗାଁ) (₹ ରେ) | ଟୋଲ୍ ପ୍ଲାଜା-୦୨ (ମଣନିକାନି) (₹ ରେ) | ଟୋଲ୍ ପ୍ଲାଜା-୦୩ (ଲାଇଙ୍ଗ୍) (₹ ରେ) |
|---|---|---|---|---|
| ୧. | କାର୍. ଜିପ୍. ଭ୍ୟାନ୍ ବା ହାଲୁକା ଯାନ | ୬୦ | ୯୫ | ୬୦ |
| ୨. | ହାଲୁକା ବ୍ୟବସାୟିକ ଯାନ, ହାଲୁକା ମାଲବାହୀ ଯାନ | ୧୦୦ | ୧୫୫ | ୯୫ |
| ୩. | ଟ୍ରାକ୍ଟର ଟ୍ରେଲର | ୨୦୫ | ୩୨୦ | ୨୦୦ |
| ୪. | ଟ୍ରକ୍ (୨ ଏକ୍ସେଲ ବିଶିଷ୍ଟ) | ୨୩୫ | ୩୬୫ | ୨୩୦ |
| ୫. | ଟ୍ରକ୍ (୩ ଏକ୍ସେଲ) ଓ ମଲ୍‌ଟି ଏକ୍ସେଲ ଯାନ (୬ ଏକ୍ସେଲ ପର୍ଯ୍ୟନ୍ତ) | ୩୨୦ | ୫୦୫ | ୩୧୫ |
| ୬. | ଭାରୀ ନିର୍ମାଣ ଯନ୍ତ୍ରାଦି (ଏଚସିଏମ), ଆର୍ଥ ମୁଭିଂ ଯନ୍ତ୍ରାଦି (ଇଏମଇ), ଅଧିକାକୃତିର ଯାନ (୭ ବା ଅଧିକା ଏକ୍ସେଲ୍ ବିଶିଷ୍ଟ) | ୩୯୫ | ୬୧୫ | ୩୮୫ |

**ଅଣ ବ୍ୟବସାୟିକ ଯାନ ସକାଶେ ରିହାତି**

୧. **ସ୍ଥାନୀୟ ବ୍ୟବହାରକାରୀ:** କୌଣସି ବ୍ୟକ୍ତି ଯିଏ ସଂପୃକ୍ତ ଟୋଲ୍ ପ୍ଲାଜାର ୨୦ କି.ମି. ଭିତରେ ରହିଥିବେ ଓ ଅଣ ବ୍ୟବସାୟୀକ ଉଦ୍ଦେଶ୍ୟାଧାରିତ ହାଲୁକାଯାନର ମାଲିକାନା ରଖିଥିବେ, ତାଙ୍କୁ ₹୨୮୦.୦୦ର କ୍ୟାଲେଣ୍ଡର ମାସ ପିଛା ରିହାତି ପାସ୍ ଦିଆଯିବ।

୨. **ପ୍ରତ୍ୟାବର୍ତ୍ତନ ଯାତ୍ରା:** କୌଣସି ବ୍ୟକ୍ତି ଯିଏ ହାଲୁକା ଯାନ ରଖିଥିବେ ଓ ତାହା ଅଣ ବ୍ୟବସାୟୀକ ଉଦ୍ଦେଶ୍ୟରେ ପଞ୍ଜୀକୃତ ଥିବ: ତାହା ହେଲେ ସଂପୃକ୍ତ ବ୍ୟକ୍ତି ପ୍ରତ୍ୟାବର୍ତ୍ତନ ଯାତ୍ରା ୨୪ ଘଣ୍ଟା ମଧ୍ୟରେ କରୁଥିଲେ ଟୋଲ ପ୍ଲାଜାର ଫେରନ୍ତା ଯାତ୍ରା (ରିଟର୍ଣ୍ଣ ଜର୍ଣ୍ଣି) ଟିକେଟ୍ ପାଇବେ, ଯେଉଁଥି ପାଇଁ ଗୋଟିଏ ଯାତ୍ରାର ଦେଢ ଗୁଣ ମୂଲ୍ୟ ଦେବାକୁ ପଡିବ।

୩. **ମାସିକ ପାସ୍:** କୌଣସି ହାଲୁକା ଯାନର ସତ୍ତ୍ୱାଧୀକାରୀ ବ୍ୟକ୍ତି ଯାହା ଅଣ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଲିବା ସକାଶେ ଉଦ୍ଦିଷ୍ଟ ଥିବ ଓ ନିୟମିତ ଏହି ପ୍ରକଳ୍ପର ରାଜପଥ ବ୍ୟବହାର କରୁଥିବ: ତାଙ୍କୁ ମାସିକ ୫୦ଟି ଏକରତଫା ଯାତ୍ରା ସକାଶେ ଶୁଳ୍କ ଦାଖଲ ତାରିଖ ପରଠୁ ଅନୁମତି ମିଳିବ। ଏହି ଦର ୫୦ଟି ଏକତରଫା ଯାତ୍ରା ବାବଦ ମୂଲ୍ୟର ଦୁଇ ତୃତୀୟାଂଶ ରହିବ।

**ଖଣିଜ ଦ୍ରବ୍ୟ ବହନ କରୁଥିବା ଯାନଗୁଡିକ ସକାଶେ ଶୁଳ୍କ (କେନ୍ଦ୍ର ସରକାରଙ୍କ ଖଣି ଓ ଖଣିଜ ବିକାଶ ଓ ନିୟନ୍ତ୍ରଣ ଆଇନ ୧୯୫୭ ରେ ଉଲ୍ଲେଖିତ ଲଘୁ ଖଣିଜ ବ୍ୟତୀତ) ଅନୁସାରେ ରହିବ।**

| କ୍ର.ନଂ. | ଯାନର ବର୍ଗ | ଟୋଲ୍ ପ୍ଲାଜା-୦୧ (ନୂଆଁଖୁରିଗାଁ) (₹ ରେ) | ଟୋଲ୍ ପ୍ଲାଜା-୦୨ (ମଣନିକାନି) (₹ ରେ) | ଟୋଲ୍ ପ୍ଲାଜା-୦୩ (ଲାଇଙ୍ଗ୍) (₹ ରେ) |
|---|---|---|---|---|
| ୧. | ଟ୍ରକ୍ (୨ ଏକ୍ସେଲ ବିଶିଷ୍ଟ) | ୪୭୦ | ୭୩୦ | ୪୫୫ |
| ୨. | ଟ୍ରକ୍ (୩ ଏକ୍ସେଲ) ଓ ମଲ୍‌ଟି ଏକ୍ସେଲ ଯାନ (୬ ଏକ୍ସେଲ ପର୍ଯ୍ୟନ୍ତ) | ୬୪୫ | ୧୦୧୦ | ୬୩୦ |
| ୩. | ଅଧିକାକୃତିର ଯାନ (୭ ବା ଅଧିକା ଏକ୍ସେଲ୍ ବିଶିଷ୍ଟ) | ୭୮୦ | ୧୨୨୦ | ୭୬୫ |

**ଓଭରଲୋଡିଙ୍ଗ ପାଇଁ ଶୁଳ୍କ:** ଯେଉଁ ଯାନଗୁଡିକ ଅନୁମତି ପ୍ରାପ୍ତ କ୍ଷମତା ଠାରୁ ଅଧିକ ଓଜନ ବହନ କରୁଥିବେ, ସେହି ଯାନଗୁଡ଼ିକ ପରବର୍ତ୍ତୀ ଉଚ୍ଚ ବର୍ଗର ଯାନ ନିମନ୍ତେ ପ୍ରଯୁଜ୍ୟ ହାରରେ ଟୋଲ୍ ଦେୟ ପ୍ରଦାନ ପାଇଁ ଦାୟୀ ରହିବେ।

କୌଣସି ଅନୁସନ୍ଧାନ ନିମନ୍ତେ, ସମ୍ପୃକ୍ତ ଟୋଲ୍ ପ୍ଲାଜାର ପ୍ଲାଜା ପରିଚାଳକମାନଙ୍କୁ ଯୋଗାଯୋଗ କରନ୍ତୁ କିମ୍ବା ଟୋଲ୍ ଫ୍ରି ହେଲ୍ପଲାଇନ୍ ନଂ.: ୧୮୦୦ ୪୧୯୯ ୧୦୧ରେ ଆମକୁ ସମ୍ପର୍କ କରନ୍ତୁ।

**ସୁରକ୍ଷିତ ରୁହନ୍ତୁ**

ମାସ୍କ ପିନ୍ଧନ୍ତୁ
2M (6 feet)
ସାମାଜିକ ଦୂରତା ରକ୍ଷାକରନ୍ତୁ
ହାତର ସ୍ୱଚ୍ଛତା ବଜାୟ ରଖନ୍ତୁ

# ନୂଆପଡ଼ା ଜିଲ୍ଲାରେ ପୁଣି ବାଘ ଆତଙ୍କ

- ଭୟରେ ତାଟିକବାଟ ବନ୍ଦ
- ୧୦ ଦିନ ହେବ ଅଞ୍ଚଳରେ ବୁଲୁଛି
- ୨ ଗାଈ, ୨ ବାଛୁରୀକୁ ମାରିଲାଣି

**ନୂଆପଡ଼ା ଅଫିସ,୧୫।୩**

ନୂଆପଡ଼ା ଜିଲା ସୁନାବେଡ଼ା ଅଭୟାରଣ୍ୟ ପାଦଦେଶରେ ଥିବା ପ୍ରାୟ ୧୦ଟି ଗାଁରେ କଲରାପତରିଆ ବାଘ ଆତଙ୍କରେ ସ୍ଥାନୀୟ ଲୋକ ଭୟଭୀତ ଅବସ୍ଥାରେ ରହିଛନ୍ତି। ୧୦ ଦିନ ହେବ ଅଞ୍ଚଳରେ ବାଘ ବୁଲୁଥିବା ବେଳେ ୨ ଗାଈ ଓ ୨ ବାଛୁରୀ ଆକ୍ରମଣ କରି ମାରିଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବୁଧବାର ଭୋରୁ ତରିଆମହୁଆଭଟା ଗାଁର ଏକ ଗୁହାଳରେ ବାଘ ପଶିଥିଲା। ଗାଈ ଶବ୍ଦ ଶୁଣି ଗ୍ରାମବାସୀ ଠେଙ୍ଗାବାଡି ଧରି ପାଟି କରିବାରୁ ବାଘ ପାଖ ଜଙ୍ଗଲକୁ ପଳାଇ ଯାଇଥିଲା। ସୂଚନାରୁ ପ୍ରକାଶ ଯେ, ନୂଆପଡା ବନାଞ୍ଚଳ ଅଧୀନ ସୁନାବେଡା ଅଭୟାରଣ୍ୟ ପାଦଦେଶରେ ଥିବା ମୁସରଙ୍ଗୀ ସଂରକ୍ଷିତ ଜଙ୍ଗଲରେ ବାଘ ରହିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। କେବଳ ବାଘ ନୁହେଁ, ତା ସହିତ ଛୋଟ ଛୁଆ ମଧ୍ୟ ରହିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ସୁନାବେଡା ଅଭୟାରଣ୍ୟରୁ ଆସି ମୁସରଙ୍ଗୀ ସଂରକ୍ଷିତ ଜଙ୍ଗଲରେ ବାଘୁଣୀ ଛୁଆ ସହ ରହିଥିବା ଲୋକେ ଅନୁମାନ କରୁଛନ୍ତି। ଛୁଆ ଛୋଟ ଥିବାରୁ ଅନ୍ୟ ସ୍ଥାନକୁ ବାଘୁଣୀ ଯାଇପାରୁନାହିଁ। ପାଖ ଗାଁରେ ବୁଲୁଛି ବୋଲି ଲୋକେ କହୁଛନ୍ତି। ଦିନରେ ମୁଷରଙ୍ଗୀ ଜଙ୍ଗଲକୁ ଚାଲି ଯାଉଛି ଓ ରାତ୍ରି ହେଲେ ଜଙ୍ଗଲ ପାଖ ଗାଁକୁ ଆସି ଗୃହପାଳିତ ପଶୁ ଉପରେ ଆକ୍ରମଣ କରୁଛି। ବାଘ ଭୟରେ ମୁସରଙ୍ଗୀ ସଂରକ୍ଷିତ ଜଙ୍ଗଲ ପାଖ ଗାଁଗୁଡିକ ପାସାମାରା, ଡାଳିପଖନା, କୋଟେନ, ଦଳଦଳି, ତରିଆ ମହୁଆଭଟା, ଆମାନାରା, ପାତାଳଘୁଟକୁରି, ମୋହରାଡିହି, ଜରିଡିହି, ପାୱାରତୋଳା ଆଦି ଗାଁରେ ବାଘ ଭୟରେ ତାଟିକବାଟ ବନ୍ଦ ରହୁଛି ଓ ଛୋଟ ଛୁଆଙ୍କୁ ବାହାରକୁ ଛାଡୁନାହାନ୍ତି। ଭୟରେ ଅଞ୍ଚଳର ଚାଷୀମାନେ କ୍ଷେତକୁ ମଧ୍ୟ କାମ କରି ଯାଉନାହାନ୍ତି। ଶିକାର କରିଥିବା ସ୍ଥାନରେ ପଡିଥିବା ପାଦ ଚିହ୍ନରୁ ଏହା ଏକ କଲରାପତରିଆ ବାଘ ବୋଲି ଆମାନାରା ବିଟ୍ ବନପାଳ ଚୂଡାମଣି ସରାଫ କହିଛନ୍ତି। ବଡ ପାଦଚିହ୍ନ ସହ ଛୋଟ ପାଦଚିହ୍ନ ରହିଥିବାରୁ ବାଘୁଣୀ ସହିତ ଛୁଆ ମଧ ରହିଥିବା ଅନୁମାନ କରାଯାଉଛି। ବର୍ତ୍ତମାନ ସମୟରେ ଉକ୍ତ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ରାତ୍ରିକାଳିନ ପାଟ୍ରୋଲିଂ ଜାରି ରଖିବା ସହ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଇଛି। ରାତିରେ କିମ୍ବା ଜରୁରୀ କାମ ନ ଥିଲେ ଘରୁ ବାହାରନ୍ତୁ ନାହିଁ। ଯଦି ବାହାରକୁ ଯାଉଛନ୍ତି ହାତରେ ଟର୍ଚ୍ଚଲାଇଟ ଓ ଗୋଷ୍ଠୀ ହୋଇ ଯାଆନ୍ତୁ ବୋଲି କୁହାଯାଉଛି।


ବାଘ ଆକ୍ରମଣରେ ଆହତ ବାଛୁରୀ।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୬ ମାସ ଜେଲଦଣ୍ଡ

**କେସିଙ୍ଗା,୧୫।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଧନଞ୍ଜୟ ନାୟକ ଏକ ମାମଲାର ଶୁଣାଣି କରି ବୁଧବାର ଅଭିଯୁକ୍ତ ହରିହର ମାଝିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କୁ ୬ ମାସ ଜେଲ ସହ ଏକ ହଜାର ଟଙ୍କା ଜରିମାନା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଏକ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ଆଦେଶରେ ଉଲେକ୍ଷ କରିଛି। ପ୍ରକାଶ ଥାଉ କି ୧୦।୦୬।୨୦୨୧ରେ ଅଭିଯୁକ୍ତ ହରିହର ମାଝି ନିଜର ନାମରେ ରାଶନ କାର୍ଡ କରାଇବା ପାଇଁ ତତ୍କାଳୀନ ଚାଞ୍ଚେର ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ଶିବ ପ୍ରସାଦ ସାହୁଙ୍କ ଘରକୁ ଯାଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ସହ ନାଏବ ସରପଞ୍ଚଙ୍କ ଭାଇ ଏବଂ ବୋହୂଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ପାରିରାର୍ଶିକ ପରିସ୍ଥିତି ଓ ୮ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କୁ ଭାରତୀୟ ପିଙ୍ଗଲ କୋଡ଼ ଆଇନ ଅନୁସାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଏହି ମାମଲା ସରକାରୀଙ୍କ ପକ୍ଷରୁ ପ୍ରକାଶ କୁମାର ଦାଶ, ସତ୍ୟନାରାୟଣ ଜୈନ ଓ ସହକାରୀ ସରକାରୀ ଓକିଲ ଭାବେ ମାମଲା ପରିଚାଳନା କରୁଥିଲେ।

### ଭାନପୁରରେ ଜଳ ଯୋଗାଣ ବନ୍ଦ, ଲୋକେ ହନ୍ତସନ୍ତ

**ପଲମ,୧୫।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଞ୍ଚଳରେ ଆରଡବ୍ଲୁଏସଏସ ପକ୍ଷରୁ ୩୪ଟି ପାନୀୟ ଜଳ ପ୍ରକଳ୍ପ ନିର୍ମିତ ହୋଇଥିବା ବେଳେ ୩୦ଟି ପ୍ରକଳ୍ପ ଠିକ୍ ଭାବେ ଚାଲୁଛି ଏବଂ ୪ଟି ପ୍ରକଳ୍ପ ଖରାପ ହୋଇପଡିଛି। ସେଥିମଧ୍ୟରୁ ନର୍ଲା ବ୍ଲକ ଭାନପୁର ପଞ୍ଚାୟତସ୍ଥିତ ଭାନପୁର ଗ୍ରାମରେ ଦୀର୍ଘ ୩ ମାସ ହେଲାଣି ପାନୀୟ ଜଳ ଯୋଗାଣ ବନ୍ଦ ହୋଇଛି। ଏଥି ଯୋଗୁ ପଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ପ୍ରକଳ୍ପର ବିଦ୍ୟୁତ୍ କେବୁଲ ତାର ଚୋରି ଏହାର ଏକମାତ୍ର କାରଣ ବୋଲି ଜଣାପଡ଼ିଛି। ଏ ନେଇ ପଞ୍ଚାୟତ ପକ୍ଷରୁ ନର୍ଲା ଥାନାରେ ଏତଲା ଦିଆଯାଇଥିଲେ ହେଁ ଏ ଯାଏଁ ଚୋରଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇପାରୁନାହିଁ। ଏପରି କି ନର୍ଲା ବ୍ଲକର କରମେଗାଁର ମଧ କେବୁଲ ଚୋରି ଯୋଗୁ ଜଳ ଯୋଗଣ ବନ୍ଦ ହୋଇଛି। ମଟର ପୋଡିବା ଫଳରେ ରାକ୍ସି ଗ୍ରାମର ପାନୀୟ ଜଳ ଯୋଗାଣ ମଧ ଠପ୍ ହୋଇଯାଇଛି। ଏହି ବାବଦ ନେଇ ନର୍ଲା ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ସେଠିଙ୍କୁ ପଚାରିବାରୁ କମ୍ ଦିନ ଭିତରେ ପ୍ରକଳ୍ପଗୁଡିକୁ ମରାମତି କରାଯଯିବ ଏବଂ କେବୁଲ ଚୋରଙ୍କୁ ଧରିବା ପ୍ରକ୍ରିୟା ଚାଲିଛି ବୋଲି କହିଥିଲେ।

# ଗ୍ରୀଷ୍ମ ପ୍ରବାହ, ଅଂଶୁଘାତ ସମ୍ବନ୍ଧୀୟ ଜିଲାସ୍ତରୀୟ ପ୍ରସ୍ତୁତି



ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଉଛି।

**ଭବାନୀପାଟଣା,୧୫।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥାନୀୟ ଓସୱାନ ହଲଠାରେ ବୁଧବାର ଗ୍ରୀଷ୍ମ ପ୍ରବାହଜନିତ ପରିସ୍ଥିତି ମୁକାବିଲା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ସତର୍କତା ମୂଳକ ପଦକ୍ଷେପ ସମ୍ପର୍କିତ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ପାନୀୟଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ବିଦ୍ୟାଳୟ, ପରିବହନ, ପ୍ରାଣୀ ସମ୍ପଦ ବିଭାଗ ଓ ଅନ୍ୟାନ୍ୟ ବିଭାଗ ପଦକ୍ଷେପ ଉପରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ। ଆର୍‌ଡବ୍ଲୁଏସଏସ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଗ୍ରାମାଞ୍ଚଳରେ ପାନୀୟଜଳ ସମ୍ପର୍କୀୟ ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ନଳକୂପ କାର୍ଯ୍ୟକ୍ଷମ ସହ ଯେଉଁଠି ନଳକୂପ ବ୍ୟବସ୍ଥା ହୋଇପାରୁନାହିଁ, ସେହି ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୧୩ଟି ବ୍ଲକରେ ୧୫ଟି ମୋବାଇଲ ୟୁନିଟ (ପ୍ରତ୍ୟେକ ୟୁନିଟ ୫ଟି ଷ୍ଟାଫ)ସହ ନଳକୂପ ମରାମତି ପାଇଁ ଯନ୍ତ୍ରପାତି ସହ ପ୍ରସ୍ତୁତ ଅଛନ୍ତି ବୋଲି ଅଧୀକ୍ଷଣ ଯନ୍ତ୍ରୀ କହିଥିଲେ।

ସେହିପରି ପଞ୍ଚାୟତ, ଏନଏସି, ପୌର ପରିଷଦ ଇଓ ଓ ସମସ୍ତ ବିଡିଓ ଜନଗହଳି ଅଞ୍ଚଳରେ ପାନୀୟ ଜଳ ସେବାକେନ୍ଦ୍ର ବା ଜଳଛତ୍ର ଖୋଲିବା, ପିଏଚସି, ସିଏଚସି, ଉପଖଣ୍ଡ ଓ ସଦର ଡାକ୍ତରଖାନାରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ଶୀତ ତାପ ନିୟନ୍ତ୍ରିତ କୋଠରି ବା କୁଲର୍ ବ୍ୟବସ୍ଥାଯୁକ୍ତ କୋଠରି ବ୍ୟବସ୍ଥା, ଯଥେଷ୍ଟ ଓଆର୍‌ଏସ, ଆବଶ୍ୟକୀୟ ଔଷଧ ମହଜୁଦ ରଖିବା ପାଇଁ ସିଡିଏମଓଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲା ଶ୍ରମ ଅଧିକାରୀ ସମସ୍ତ ଶ୍ରମିକମାନଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖରାରେ ନିର୍ମାଣ କାର୍ଯ୍ୟ ନ କରିବା ଓ ନିର୍ମାଣ ସଂସ୍ଥା/ମାଲିକ ଶ୍ରମିକମାନଙ୍କ ପାଇଁ ଯଥେଷ୍ଟ ଛାୟା, ପିଇବା ପାଣି ଓ ଓଆର୍‌ଏସର ବ୍ୟବସ୍ଥା କରିବାକୁ ଧ୍ୟାନ ଦେବାକୁ କୁହାଯାଇଥିଲା। ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା ସୁବିଧା ପାଇଁ ଗ୍ରାମପଞ୍ଚାୟତ ଓ ଏନଏସରେ ବିଦ୍ୟୁତ୍‌ସେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ଧ୍ୟାନ ଦେବାକୁ ଟିପିଡବ୍ଲୁଓଡିଏସ ନିର୍ବାହ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଆଶା, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ଅଂଶୁଘାତ ସମ୍ପର୍କୀୟ ସଚେତନତା ବାର୍ତ୍ତା ଓଡ଼ିଆ ଲିଫଲେଟ ଦ୍ୱାରା ଗାଁ ଗାଁରେ ପ୍ରଚାର କରିବେ। ଅଂଶୁଘାତ ସମ୍ବନ୍ଧୀୟ ମୃତ୍ୟୁ ସ୍ଥାନୀୟ ତହସିଲଦାର ଓ ସ୍ୱାସ୍ଥ୍ୟ ଅଧିକାରୀ ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରେରଣ କରିବେ। ସେହିଭଳି ସମସ୍ତ ଯାତ୍ରୀବାହୀ ବସ ମଧାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ କରିବେ ନାହିଁ ଓ ବସରେ ଯଥେଷ୍ଟ ପାନୀୟ ଜଳ, ଆଶୁ ଚିକିତ୍ସା, ଓଆର୍‌ଏସ ପ୍ୟାକେଟ ମହଜୁଦ ରଖାଯିବ। ଅଂଶୁଘାତ ସୂଚନା ପାଇଁ ଜିଲାରେ ଏକ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଏହାର ଫୋନ ନମ୍ୱର ୦୬୬୮୦– ୨୩୦୪୫୫। ଉପଜିଲାପାଳ, ବିଡିଓ, ଇଓ, ଆର୍‌ଡବ୍ଲ୍ୟୁଏସଏସ, ସିଡିଏମଓ, ପିଏଚଡି ନିଜ କାର୍ଯ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଖୋଲି ଏହାର ଫୋନ ନମ୍ବର ସମସ୍ତଙ୍କ ସୂଚନାର୍ଥେ ଜଣାଇବେ। ସେଭଳି ପଶୁ ସମ୍ପଦ ସୁରକ୍ଷା ପାଇଁ ବିଶେଷ ଜଳ ବ୍ୟବସ୍ଥା ଓ ଔଷଧ ରଖିବାକୁ ସିଡିଭିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମପ୍ରବାହ ଜନିତ ପରିସ୍ଥିତି ମୁକାବିଲା ପାଇଁ ବ୍ଲକ ଓ ପଞ୍ଚାୟତସ୍ତରରେ ପଞ୍ଚାୟତିରାଜ ଅନୁଷ୍ଠାନ ପ୍ରତିନିଧିମାନଙ୍କ ଉପସ୍ଥିତରେ ଅନୁରୂପ ବୈଠକ ଯଥାଶୀଘ୍ର ଆୟୋଜନ କରିବାକୁ ସମୟ ବିଡିଓମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ସୁବ୍ରତ ନାୟକ, ଭବାନୀପାଟଣା ଉପଜିଲାପାଳ ଡ଼ା ବିଶ୍ୱଜିତ୍ ଦାସ, ଧର୍ମଗଡ ଉପଜିଲାପାଳ ବେଦଭୂଷଣଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ଆଦର୍ଶ ବିଦ୍ୟାଳୟ କୋଠରି ଉଦ୍‌ଘାଟିତ


ମଞ୍ଚାସୀନ ଅତିଥି ବୃନ୍ଦ।

**କର୍ଲାମୁଣ୍ଡା,୧୫।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତ ସୁରୁଜୁଲି ୟୁପ୍ରା ବିଦ୍ୟାଳୟଠାରେ ବୁଧବାର ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ ଆଦର୍ଶ ବିଦ୍ୟାଳୟ କୋଠରି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ ଅଧକ୍ଷ୍ୟା ସ୍ନେହ ପ୍ରଭା ମହାପାତ୍ର, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପୀମଣି ଜାନୀ, ବ୍ଲକ ଅଧକ୍ଷ୍ୟା କୁନି ସାହୁ, ଡିଆଇଇଟି ଶିକ୍ଷକ ପ୍ରଶିକ୍ଷକ ଅରୁଣ ଭୋଇ, ଈଶ୍ୱର ବେହେରା, ଜିଲି ଏକ୍କା, ନିହାରିକା ଦେବୀ, ଏବିଇଓ ସହଦେବ ସୁନା, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ରାଜପୁର ସରପଞ୍ଚ କୌଶଲ୍ୟା ରଣା ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ସର୍ବନିମ୍ନ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ହାସଲ କରି ପାରିବେ ବୋଲି ମତପ୍ରକାଶ କରିଥିଲେ। ସିଆରସିସି ମଧୁସୂଦନ ଧରୁଆ ମଞ୍ଚ ପରିଚାଳନା କରିଥିବାବେଳେ ସିଆର ସିସି ହେମନ୍ତ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ସିଆର ସିସି ପ୍ରଶାନ୍ତ ମିଶ୍ର, ଗୋପମଣୀ ସାହୁ, ଅନ୍ତର୍ଯ୍ୟାମୀ ମଲ୍ଲିକ, ସଞ୍ଜୟ ଦାସ, ମିଳାପ କୁମାରଙ୍କ ସମେତ ପ୍ରଧାନ ଶିକ୍ଷକ ସାଧୁରାମ ସାହୁ, ପ୍ରତାପ ପ୍ରଧାନ, ଶିବ ସାହୁ, ହିମାଂଶୁ ଶେଖର ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ବାପା ହତ୍ୟାକାରୀ ପୁଅଙ୍କୁ ଆଜୀବନ କାରାଦଣ୍ଡ

**ଭବାନୀପାଟଣା,୧୫।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ନର୍ଲା ଥାନା ବଡଗୁଣ୍ଡରୀ ଉପରପଡାରେ ବାପାକୁ ପୁଅ ହତ୍ୟା କରିବା ଘଟଣାର ରାୟ ପ୍ରକାଶ ପାଇଛି। କଳାହାଣ୍ଡି ଜିଲା ଦୌରା ଜଜ୍ ଦିପ୍ତି ରଞ୍ଜନ କାନୁନଗୋ ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ପୁଅ ନାଭିଦତ୍ୟ ବାଗଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇବା ସହ ୫୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜରିମାନା ଅନାଦେୟ ଆହୁରି ୬ମାସ ଓ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ୩ବର୍ଷ ଜେଲ ଦଣ୍ଡାଦେଶ ସହିତ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆହୁରି ୧ ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ୨୦୧୮ରେ ନାଭିଦତ୍ୟ ତାଙ୍କ ବାପା ଜଗନ୍ନାଥଙ୍କୁ ହତ୍ୟା କରିଥିଲେ। ଏହାକୁ ନେଇ ସେତେବେଳେ ନର୍ଲା ଥାନାରେ ଏକ ମାମଲା (ନଂ. ୨୦/୧୮)ରୁଜୁ ହୋଇଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ନିର୍ଦ୍ଦଶିନୀ ରଥ ଓ ଅଭିଯୁକ୍ତଙ୍କ ପକ୍ଷରୁ ରାଜେଶ କୁମାର ନାଏକ ପରିଚାଳନା କରିଥିଲେ।

# ବ୍ଲକରେ ମଣ୍ଡି ଖୋଲିବାକୁ ଜିଲାପାଳଙ୍କୁ ଚିଠି ଲେଖିଲେ ବ୍ଲକ ଅଧକ୍ଷା

**କୋକସରା,୧୫।୩(ଡି.ଏନ.ଏ.)**

ଚଳିତ ବର୍ଷ କୋକସରା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ମେଗାଲିଫ୍ଟ କେନାଲରୁ ଜଳସେଚନ ଆରମ୍ଭ ହୋଇଥିବା ବେଳେ ବ୍ଲକର ୧୧୩୦୧.୭୧ ହେକ୍ଟରକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି। ତେବେ ଧାନ ବିକ୍ରି କରିବାକୁ ନେଇ ଚାଷୀଙ୍କ ମଧ୍ୟରେ ଦ୍ୱନ୍ଦ ଦେଖା ଦେଇଥିବା ବେଳେ ରବି ଚାଷ କରିଥିବା ଅଞ୍ଚଳର ଚାଷୀମାନେ କୋକସରା ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ ଓ ଉପାଧକ୍ଷ ରାଜୀବ ଅଗ୍ରୱାଲଙ୍କୁ ଧାନ ବିକ୍ରି କରିବାକୁ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ପୂର୍ବରୁ ମଧ ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ ଜିଲା ପରିଷଦ ବୈଠକରେ ଚାଷୀଙ୍କ ଦାବି ଓ ରବିଚାଷ ଧାନ ବିକ୍ରି କରିବାକୁ ମଣ୍ଡି ଖୋଲିବାକୁ ଦାବି ଉପସ୍ଥାପନ କରିଥିଲେ। ତେବେ ବ୍ଲକର ଚାଷୀଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କୁ ଚିଠି ଲେଖିଛନ୍ତି। ବ୍ଲକର ଯେଉଁ ଅଞ୍ଚଳରେ ରବିଚାଷ ହୋଇଛି କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ରିପୋର୍ଟ ସଂଗ୍ରହ କରିବା ସହ ରବି ଧାନଚାଷ ବିକ୍ରି କରିବା ଯୋଗାଣ ବିଭାଗ ଦ୍ୱାରା ସମବାୟ ସମିତି ଜରିଆରେ ବ୍ଲକରେ ଧାନମଣ୍ଡି ଖୋଲିବାକୁ ଅନୁରୋଧ କରିଛନ୍ତି।

# ପାଣିପଞ୍ଚାୟତ ବୈଠକ

**ଖଡ଼ିଆଳ,୧୫।୩(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅଧୀନ ବଳରାମ ପାଣି ପଞ୍ଚାୟତ ଆନୁକୁଲ୍ୟରେ ଚିନ୍ଦାଗୁଡା ପଞ୍ଚାୟତ ଅଫିସ ପ୍ରକୋଷ୍ଠରେ ସାୟୀ ସଭାପତି ବିଶାମିତ୍ର ବିଶିଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ଖଡିଆଳ ଡିସଟ୍ରୁବ୍ୟୁଟେରି ମା' ଗାୟତ୍ରୀ ଜଳ ଆବଣ୍ଟନ କମିଟି ସ୍ଥାୟୀ ସଭାପତି ଶ୍ରୀରାମ ସମରେନ୍ଦ୍ର ସିଂ ବାରିକ, ମୁଖ୍ୟବକ୍ତା ଭାବେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅଧିକାରୀ ମନୋଜ କୁମାର ଦାସ ଓ ସମ୍ମାନିତ ଅତିଥି ଭାବେ ଡିସଟ୍ରୁବ୍ୟଟେରୀ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ବିଶି, ସହକାରୀ ଯନ୍ତ୍ରୀ ବାନେଶ୍ୱର ଛତ୍ରିଆ, କନିଷ୍ଠ ଯନ୍ତ୍ରୀ ପ୍ରଦିପ କୁମାର ବାରିକ ଯୋଗଦାନ କରିଥିଲେ। ବୈଠକରେ ପାଣି ପଞ୍ଚାୟତ ସମ୍ବନ୍ଧୀୟ ବହୁମୁଖୀ ଅଭିଯୋଗ ଯଥା ଭୂତଳଜଳ ଆବଣ୍ଟନ କମ୍ପାନୀ ପକ୍ଷରୁ ହୋଇଥିବା କାର୍ଯ୍ୟଗୁଡ଼ିକ ଅତିନିମ୍ନମାନର ଯାହା ଫଳରେ ଠିକ ଭାବେ ପାଣି ବାହାରୁ ନ ଥିବା ବେଳେ ଚାଷୀ ଭାଇ ଓ ଭଉଣୀମାନଙ୍କ ଖରିଫ ବା ରବି ଭଲ ଭାବରେ ଉତ୍ପାଦିତ ହେଉ ନାହିଁ। ତଥ ସଙ୍ଗେ ସବମାଇନର ଓ ମାଇନର ମଧ ନିମ୍ନମାନର ବୋଲି ବଳରାମ ପାଣି ପଞ୍ଚାୟତ କମିଟି ସଭାପତି ବିଶ୍ୱମିତ୍ର ବିଶି ସଭା ମଧରେ ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମ ଚାଷୀ ଶମ୍ଭୁ କିଶୋର ଦଣ୍ଡସେନା, ପ୍ରଶାନ୍ତ କୁମାର ବାରିକ, ଜଗମୋହନ ବନଛୋର, ଗଜିନ ଜାଲ ଙ୍କ ସମେତ ସତାଧିକ ଚାଷୀ ଉପସ୍ଥିତ ଥିଲେ।



ପାଣିପଞ୍ଚାୟତ ବୈଠକରେ ଯୋଗଦେଇଥିବା ମଞ୍ଚାସିନ ଅତିଥି।

# କଳାହାଣ୍ଡି, ନୂଆପଡ଼ାର ବିଭିନ୍ନ ସ୍ଥାନରେ ଡ୍ରାଇଭରଙ୍କ ଆନ୍ଦୋଳନ


ଭବାନୀପାଟଣା ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ।


ନୂଆପଡ଼ାରେ ଧାରଣାରେ ବସିଥିବା ଡ୍ରାଇଭର ମହାସଂଘ।

**ନୂଆପଡ଼ା ଅଫିସ/ଭବାନୀପାଟଣା/ ଲାଞ୍ଜିଗଡ/ କେସିଙ୍ଗା/ନର୍ଲା/ଖଡ଼ିଆଳ/ କୋକସରା/କର୍ଲାମୁଣ୍ଡା, ୧୫।୩(ସ୍ୱ.ପ୍ର./ଡି.ଏନ.ଏ.)**

ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ବୁଧବାର ଷ୍ଟିୟରିଂ ଛାଡ଼ ଆନ୍ଦୋଳନର ପ୍ରଭାବ କଳାହାଣ୍ଡି ଜିଲାରେ ଦେଖିବାକୁ ମିଳିଛି। କଳାହାଣ୍ଡି ଡ୍ରାଇଭର ମହାସଂଘ ପକ୍ଷରୁ ଜିଲାର ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼, କେସିଙ୍ଗା, ଲାଞ୍ଜିଗଡ଼, କର୍ଲାମୁଣ୍ଡା, ନର୍ଲା ଓ କୋକସରା ବ୍ଲକ ମୋଟେର ଛକ ୨୬ ନମ୍ବର ଜାତୀୟ ରାଜପଥ ସମେତ ୫୯ ନଂ. ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ସକାଳୁ ଷ୍ଟିୟରିଂ ଛାଡ ଆନ୍ଦୋଳନ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭବାନୀପାଟଣା ନିକଟ ବାଦଲି ଛକ, ଜୁନାଗଡ଼ ହାତୀନଦୀ, ଧର୍ମଗଡ଼ ଚାରିଛକ ନିକଟରେ ଡ୍ରାଇଭର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଲାଞ୍ଜିଗଡ ବ୍ଲକ ପୋଖରିବନ୍ଧ ଛକ ୬ ନମ୍ବର ରାଜ୍ୟ ରାଜପଥଠାରେ ବ୍ଲକ ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ସକାଳ ୬ଟାଠାରୁ ଆରମ୍ଭ ହୋଇଛି। ଏହି ଆନ୍ଦୋଳନରୁ ସମସ୍ତ ଜରୁରୀକାଳୀନ ସେବାକୁ ବାଦ ଦିଆଯାଇଥିବା ବେଳେ ବିଶେଷ କରି ଛାତ୍ରୀଛାତ୍ରଙ୍କ ପରୀକ୍ଷାକୁ ଦୃଷ୍ଟିରେ ରଖି ସ୍କୁଲ ବସକୁ ମଧ ବାଦ ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ଜିଲାର ସମସ୍ତ ଛକ ଓ ରାସ୍ତାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆନ୍ଦୋଳନରେ ଜିଲାର ହଜାର ହଜାର ଡ୍ରାଇଭର ସାମିଲ ହୋଇଛନ୍ତି। ରାଜ୍ୟ ସରକାର ୧୦ ଦଫା ଦାବି ନ ଶୁଣିଲା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜୁନାଗଡ଼ରେ ବ୍ଲକ ସଭାପତି ଟଙ୍କଧର ଭାଟିଙ୍କ ଅଧ୍ୟକ୍ଷତାରେ ଜିଲା ଉପସଭାପତି କାର୍ତ୍ତିକ ପୁଞ୍ଜି, ବ୍ଲକ ଉପସଭାପତି ଅଜିତ ନାଗ, ସମ୍ପାଦକ ଲକ୍ଷ୍ମଣ ଚଳାନ, ଗଣେଶ ପୂଝାରୀ, ଘନଶ୍ୟାମ ପୂଝାରୀ, ଦେବେନ୍ଦ୍ର ବାଗ, ସତ୍ୟବାନ ନିଆଲ, ବିକ୍ରମ ଲହଜଲ ପ୍ରମୁଖ ନେତୃତ୍ୱ ନେଉଛନ୍ତି। ଲାଞ୍ଜିଗଡ଼ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ସଭାପତି ଟଙ୍କଧର ଗୌଡ଼ଙ୍କ ନେତୃତ୍ୱରେ ଉପସଭାପତି ହର ପ୍ରସାଦ ଗୌଡ଼, ସମ୍ପାଦକ ଅକ୍ଷୟ ଦୋରା, ଉପସମ୍ପାଦକ ସୁଶୀଲ କୁମାର ଜାଲ, କୋଷାଧକ୍ଷ ଅଶ୍ୱିନୀ ଗୌଡ଼ ସମେତ ଶହ ଶହ ଡ୍ରାଇଭର ସାମିଲ ହୋଇଥିଲେ। କେସିଙ୍ଗା ବ୍ଲକ ସଭାପତି ଈଶ୍ୱରଚନ୍ଦ୍ର ସିଂ, ଉପସଭାପତି ରବିନ୍ଦ୍ର ଶବର, ସମ୍ପାଦକ ହେମାନନ୍ଦ ଗଡ଼ତିଆ, ସହ ସମ୍ପାଦକ ମନୋଜ ସିଂ, କୋଷାଧକ୍ଷ ପ୍ରତାପ କିଶୋର ସିଂ, ବ୍ଲକ ଏଡମିନ ଅକ୍ଷୟ ଭାଟିଙ୍କ ସମେତ କେସିଙ୍ଗା ଯୁବ ସଙ୍ଗଠକ ସୁରେଶ ରାଓ ମଧ ସାମିଲ ହୋଇଛନ୍ତି। କର୍ଲାମୁଣ୍ଡା ବ୍ଲକ ସଂଘ ସଭାପତି କାମଦେବ ପୋଢ, ସମ୍ପାଦକ ଦେବୀପ୍ରସାଦ ସେଠ, ପଞ୍ଚୁ ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ ଡ୍ରାଇଭର ବ୍ଲକର କର୍ଲାମୁଣ୍ଡା, ପୁଟିଗାଁ ଛକ, ଜୋରଡବରା ଛକ, ଗଜବାହାଲ ଛକ, ରିଷିଡା କଲେଜ ଛକଠାରେ ପିକେଟିଙ୍ଗ କରିଥିଲେ। ସେହିପରି ନୂଆପଡା ଡ୍ରାଇଭର ମହାସଂଘ ସହ ଖଡିଆଳ, ସିନାପାଲି, ବୋଡେନ ଓ କୋମନା ବ୍ଲକ ଡ୍ରାଇଭର ମହାସଂଘର ଡ୍ରାଇଭରମାନେ ରାଜରାସ୍ତାରେ ଶୋଭାଯାତ୍ରା କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲାର ନୂଆପଡା ସମେତ ଖରିଆର ରୋଡ, ସାରାବଙ୍ଗ, କେନ୍ଦୁବାହାରା, ଘାଟିପଡା, ରଜନା, ଉଦ୍ୟାନବନ୍ଧ, କୋମନା, ଖଡିଆଳ, ବୋଡେନ, ସିନାପାଲି ଓ ମୁଖ୍ୟ ଛକରେ ଡ୍ରାଇଭରମାନେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଉଲୁଣ୍ଡା,୧୫।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସୁବର୍ଣ୍ଣପୁର ପକ୍ଷରୁ ଆୟୋଜିତ ଏହି ଶିବିରକୁ ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତିଲତା ମିଶ୍ର, ବିଡ଼ିଓ କରିସ୍ମା ବେସ୍ରା, ଏବିଡ଼ିଓ ଶୁଭ୍ରାଂଶୁ ଶେଖର ମଲ୍ଲିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ତରାଇ, ସରପଞ୍ଚ ରଶ୍ମିତା ଭୋଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପିଇଓ ଶରତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶିବିରରେ ୮୪ଜଣ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ୩ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଧ ଭୂଷଣ ରାଏ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଆନ୍ଦୋଳନକୁ ଓହ୍ଲାଇଲା ଡ୍ରାଇଭର ମହାସଂଘ

ଅମରପାଲ/ ଡୁଙ୍ଗୁରିପାଲ/ଉଲୁଣ୍ଡା, ୧୫।୩(ଡି.ଏନ.ଏ): ସାରା ରାଜ୍ୟରେ ଡ୍ରାଇଭରମାନେ ଷ୍ଟିୟରିଂ ଛାଡ ଆନ୍ଦୋଳନ କରିଛନ୍ତି। ଏହାର ପ୍ରଭାବରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଂଘ ତରଫରୁ ଡ୍ରାଇଭରମାନେ ଆନ୍ଦୋଳନ କରିଛନ୍ତି। ଗାଡ଼ି ଚଳାଇବୁ ନାହିଁ କି ଚଳାଇବାକୁ ଦେବୁ ନାହିଁ ନାରା ଦେଇଛନ୍ତି। ଡ୍ରାଇଭରମାନଙ୍କ ୧୦ ଦଫା ଦାବି ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁରେ ୨୦ ଲକ୍ଷ, ବିକଳାଙ୍ଗ ହେଲେ ୧୦ ଲକ୍ଷ ଓ ଆହତ ହେଲେ ଆଶୁ ଚିକିତ୍ସା ପାଇଁ ୫ ଲକ୍ଷ ଦାବି ରହିଛି। କର୍ମଜୀବୀ ଡ୍ରାଇଭରମାନଙ୍କୁ ୫୫ ବର୍ଷ ବୟସରେ ଭତ୍ତା ପ୍ରଦାନ, ପ୍ରତି ୧୦୦ କିମି ଅନ୍ତରରେ ଟ୍ରକ ଟର୍ମିନାଲ, ବିଶ୍ରାମ ଗୃହ, ଶୌଚାଳୟ ଡ୍ରାଇଭର କମିଶନ ଓ ଆୟୋଗ ପ୍ରତିଷ୍ଠା, ଶ୍ରମ ବିଭାଗର ପଞ୍ଜିକୃତ କରି ସ୍ୱତନ୍ତ୍ର ଆଇନ ଆଣିବା, ବିଧାନସଭାରେ ଚିଠା ପ୍ରସ୍ତାବ ଆଗତ କରି ଡ୍ରାଇଭର କଲ୍ୟାଣ ପାଣ୍ଠି ଆଣିବା ଆଦି ଦାବିରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଆନ୍ଦୋଳନକୁ ସମର୍ଥନ କରି ପୂର୍ବତନ ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ ଡ୍ରାଇଭରମାନଙ୍କ ସହ ଆନ୍ଦୋଳନରେ ବସିଥିବା ଦେଖାଯାଇଥିଲା।

ସେହିପରି ଡୁଙ୍ଗୁରିପାଲି ଡ୍ରାଇଭର ମହାସଂଘ ପକ୍ଷରୁ ଏନଏଚ -୨୬ ଫଟାମୁଣ୍ଡା ଛକରେ ଅର୍ନିଦ୍ଧିଷ୍ଟ କାଳ ଆନ୍ଦୋଳନ କରାଯାଇଛି। ଏଥିଯୋଗୁ ଯାତ୍ରୀବାହୀ ବସ, ମାଲବାହୀ ଟ୍ରକ ଯାତାୟତ ବନ୍ଦ ରହିଛି। ଆନ୍ଦୋଳନରେ ସଂଘର ପୁନିଆ ସ୍ୱାଇଁ, ଗୌରାଙ୍ଗ ଦଣ୍ଡସେନା, ବଲ୍ଲଭ ମଟାରୀ, ଧରଣୀ ମେହେର, ପ୍ରମୋଦ ସାହୁ, ଅର୍ଜୁନ ଲୁହୁରା, ପ୍ରକାଶ ହାତୀ ପ୍ରମୁଖ ସାମିଲ ହୋଇଥିଲେ। ଅନୁରୂପ ଉଲୁଣ୍ଡା ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ପେଟ୍ରୋଲ ପମ୍ପ ପାଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଏଥିରେ ଚେତାବନୀ ଦିଆଯାଇଛି। ବ୍ଲକ ସଭାପତି ସୁରେଶ ସେଠୀଙ୍କ ନେତୃତ୍ୱରେ ହୋଇଥିବା ଏହି ଆନ୍ଦୋଳନରେ ଉପସଭାପତି ବାବୁଲାଲ ପ୍ରଧାନ, ସମ୍ପାଦକ ଅଚ୍ୟୁତାନନ୍ଦ ଦେହେରି, ସହସମ୍ପାଦକ ଜନ୍ମେଜୟ ପୁରୋହିତ, କାର୍ଯ୍ୟକାରୀ ସମ୍ପାଦକ ନରୋତ୍ତମ ଭୋଇ, କୋଷାଧକ୍ଷ ଚନ୍ଦ୍ରଶେଖର ମିଶ୍ରଙ୍କ ସମେତ ଶତାଧିକ ଡ୍ରାଇଭର ସାମିଲ ହୋଇଥିଲେ।


କଂଗ୍ରେସ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।


ଭାଜପା ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ନାମାଙ୍କନପତ୍ର ଦାଖଲ ଶେଷ, ୧୭ରେ ଯାଞ୍ଚ

**ଅତାବିରା ଏନ୍‌ଏସି ନିର୍ବାଚନ**

■ଅନ୍ତିମ ଦିବସରେ ୩୦, ମୋଟ ୪୩ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

ସରଣ୍ଡା,୧୫।୩ (ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ଏନ୍‌ଏସି ନିର୍ବାଚନ ପାଇଁ ବିଗୁଲ ବାଜିବା ପରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ମଙ୍ଗଳବାର ବିଜେଡିର ସମସ୍ତ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ବୁଧବାର ନାମାଙ୍କନ ଦାଖଲ ଶେଷ ହୋଇଛି। ଅନ୍ତିମ ଦିବସରେ କଂଗ୍ରେସ, ଭାଜପା ଓ ଆପ୍ ସମର୍ଥିତ ୩୦ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଫଳରେ ମୋଟ ୪୩ ଜଣ ନାମାଙ୍କନ ଦାଖଲ କରିଥିବା ଜଣାପଡିଛି।

ବୁଧବାର ଭାଜପା ବରଗଡ଼ ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପ୍ରାର୍ଥୀମାନେ ଅତାବିରା ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରି ଏନ୍‌ଏସି ଅଫିସ ଯାଏ ଏକ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ନଗରପାଳ ସମେତ ସବୁ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ନଗରପାଳ ପଦବୀ ପାଇଁ ଲକ୍ଷ୍ମୀ ବେହେରା ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କାଉନସିଲର ପଦବୀ ଲାଗି ୧ ନମ୍ବର ୱାର୍ଡରୁ ସମ୍ପତ କୁମାର କର, ୨ରୁ ଗଣେଶ ଅଗ୍ରୱାଲ, ୩ରୁ କୁନି ସେଠ, ୪ରୁ ପଦ୍ମା ବାଗ, ୫ରୁ ଶକ୍ତିଦେବ ସାହୁ, ୬ରୁ ରୀନା ପ୍ରଧାନ, ୭ରୁ ବିକାଶ ଶର୍ମା, ୮ରୁ ଗୋପିକା ପ୍ରଧାନ, ୯ରୁ ଅକ୍ଷୟ ଗଡତିଆ, ୧୦ରୁ କୌଶଲ୍ୟା ଭୋଇ, ୧୧ରୁ ରୀନା ସେଠ ଏବଂ ୧୨ ନଂ. ୱାର୍ଡରୁ ଭାଗ୍ୟବତୀ ବରିହା ନାମାଙ୍କନପତ୍ର ଦାଖଲ କରିଛନ୍ତି।


ସ୍ୱାଧୀନ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ବରଗଡ଼ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ନେତୃତ୍ୱରେ ଦଳର ପ୍ରାର୍ଥୀମାନେ ବୁଧବାର ଅପରାହ୍ନରେ ବୁଟୁ ବନ୍ଧରୁ ଶୋଭାଯାତ୍ରାରେ ବାହାରି ଏନ୍‌ଏସି ଅଫିସକୁ ଯାଇଥିଲେ। ସେଠାରେ ୧୨ କାଉନସିଲର ଓ ନଗରପାଳ ପଦବୀ ପାଇଁ ସେମାନେ ନାମାଙ୍କନପତ୍ର ଦାଖଲ କରିଥିଲେ। ୧ ନଂ. ୱାର୍ଡରୁ ଦୀପକ ରାୟ, ୨ରୁ ଗୌରୀଶ ପଣ୍ଡା, ୩ରୁ ସରୋଜ ମାଝୀ, ୪ରୁ ତପସ୍ୱିନୀ ରୋହିଦାସ, ୫ରୁ ଅକ୍ଷୟ କୁମ୍ଭାର, ୬ରୁ ସରସ୍ୱତୀ ରୋହିଦାସ, ୭ରୁ ବଳରାମ ସାହୁ, ୮ରୁ ନନ୍ଦିନୀ କୁମ୍ଭାର, ୯ରୁ ଟଙ୍କଧର ପ୍ରଧାନ, ୧୦ରୁ ରିଙ୍କୁ ବାଦୀ, ୧୧ରୁ ସଞ୍ଜୁକ୍ତା ବେହେରା, ୧୨ରୁ ଜନନୀ ଭୁଏ ନାମାଙ୍କନ ଦାଖଲ କରିଛନ୍ତି। ନଗରପାଳ ପଦବୀ ଲାଗି କଂଗ୍ରେସର ସବିତା ଭୁଏ ନାମାଙ୍କନ ଦାଖଲ କରିଛନ୍ତି।

ସେହିପରି ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଜିଲା ଆବାହକ ଭବାନୀ ସାହୁଙ୍କ ନେତୃତ୍ୱରେ ୩ଜଣ କାଉନସିଲର ଓ ନଗରପାଳ ପଦବୀ ପାଇଁ ଆପ୍ ସମର୍ଥନରେ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନଗରପାଳ ପଦବୀ ପାଇଁ ସାମନ୍ତ ଭୁଏ, କାଉନସିଲର ପାଇଁ ୨ନଂ. ୱାର୍ଡରୁ ମହମ୍ମଦ ହାନିବ, ୬ରୁ ନରୋତ୍ତମ ପଣ୍ଡା ଓ ୪ରୁ ସତ୍ୟବତୀ ସାଗର ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି। ତେବେ ୧୭ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇ ୧୮ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

## ବୌଦ୍ଧରେ ଗାଡ଼ି ଚାଳକ ସଂଘ ପକ୍ଷରୁ ଆନ୍ଦୋଳନ

ବୌଦ୍ଧ/ବାଉଁଶୁଣୀ, ୧୫।୩(ସ୍ୱ.ପ୍ର./ଡି.ଏନ୍.ଏ.)

ସାରା ରାଜ୍ୟରେ ଗାଡି ଚାଳକ ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ବୁଧବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଥିବାବେଳେ ବୌଦ୍ଧ ଜିଲାରେ ମଧ୍ୟ ଗାଡି ଚାଳକ ସଂଘ ଏହି ଆନ୍ଦୋଳନରେ ସାମିଲ ହୋଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛି। ଗାଡ଼ି ଚାଳକ ସଂଘର ଆନ୍ଦୋଳନ ଯୋଗୁଁ ବୌଦ୍ଧ ସହରର ବସଷ୍ଟାଣ୍ଡ ଖାଁ ଖାଁ ଥିବାବେଳେ କେବଳ ହାତଗଣତି କିଛି ସରକାରୀ ବସ ଚଳାଚଳ କରିଥିବା ବେଳେ ଜିଲାର ସମସ୍ତ ଘରୋଇ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଜିଲାରେ ମଧ୍ୟ ଟ୍ରକ, ଟାକ୍ସି ଗୁଡିକ ବନ୍ଦ ରହିଥିଲା। ଗାଡି ଚାଳକମାନେ ସକାଳୁ ସହରର ବ୍ରିଜ ଛକଠାରେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଭାବରେ ବସିରହିଥିବା ଦେଖିବାକୁ ମିଳିଥିଲା। ଏହା ସହ ହରଭଙ୍ଗା ବ୍ଲକର ଚାରିଛକ ବଜାରଠାରେ ମଧ୍ୟ ଗାଡି ଚାଳକମାନେ ଜାତୀୟ ରାଜପଥ କଡରେ ବିଭିନ୍ନ ପ୍ଲାକାର୍ଡ ଧରି ଆନ୍ଦୋଳନରେ ବସିରହିଥିବା ଦେଖିବାକୁ ମିଳିଥିଲା। ଆନ୍ଦୋଳନକୁ ଆଖି ଆଗରେ ରଖି ଜିଲା ପୋଲିସ ପକ୍ଷରୁ ସମସ୍ତ ସ୍ଥାନରେ ବ୍ୟାପକ ଭାବେ ପୋଲିସ ମୁତୟନ ହୋଇଥିଲେ। ବୌଦ୍ଧ ଜିଲାର ବାଉଁଶୁଣୀ ଠାରେ ୯ଟି ପଞ୍ଚାୟତର ସଭାପତି, ସମ୍ପାଦକ ଓ ଏଡମିନ ମୋଟ ଏକ ହଜାର ଡ୍ରାଇଭର ବାହାରି ଏହି ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ପ୍ରତ୍ୟେକ ଛକରେ ପୋଲିସ ମଧ୍ୟ ଜଗି ରହିଥିଲା।ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ ବୋଲି ବୌଦ୍ଧ ବ୍ଲକ ଓଡ଼ିଶା ଡ୍ରାଇଭର ମହାସଂଘର ସଭାପତି ପଦ୍ମଲୋଚନ ମହଲା କହିଛନ୍ତି।

## 'ଭାରତୀୟ ସଂସଦୀୟ ଗଣତନ୍ତ୍ର ବିଶ୍ୱରେ ଶ୍ରେଷ୍ଠ'

ବରଗଡ଼ ଅଫିସ,୧୫।୩

ବରଗଡ଼ ସହର ଉପକଣ୍ଠ ବିଦ୍ୟାବିହାରସ୍ଥିତ ଇମ୍ପେରିୟଲ କଲେଜ ପରିସରରେ ଗୁରୁମନ୍ତ୍ର ସିରିଜ-୨୪ ସଂସ୍କରଣର ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍ପି ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଝରଣା ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଜର ୩୦ ବର୍ଷର ସଂସଦୀୟ ଅଭିଜ୍ଞତାକୁ ବର୍ଣ୍ଣନା କରି ଆଚାର୍ଯ୍ୟ କହିଥିଲେ, ଭାରତୀୟ ସଂସଦୀୟ ଗଣତନ୍ତ୍ର ହେଉଛି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗଣତାନ୍ତ୍ରିକ ବ୍ୟବସ୍ଥା। ଭାରତୀୟ ସଂସଦୀୟ ବ୍ୟବସ୍ଥାରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦେଶର ନୀତି ନିର୍ଦ୍ଧାରଣ କରୁଥିବା ଏହି ଉଭୟ ସଭା ତଥା ରାଜ୍ୟରେ ସଂସଦୀୟ ବ୍ୟବସ୍ଥାରେ ଥିବା ବିଧାନସଭାକୁ ଯାଉଥିବା ନିର୍ବାଚିତ ପ୍ରତିନିଧିମାନେ ଦେଶ ଓ ରାଜ୍ୟ ପାଇଁ ଉତ୍ସର୍ଗୀକୃତ ମନୋଭାବ ସହ ବିଭିନ୍ନ ଆଲୋଚନାରେ ଭାଗ ନେଲେ ଦେଶ ପାଇଁ ଏହା ହିତକର ହେବ। ତେବେ ବର୍ତ୍ତମାନ ଏହି ସଂସଦୀୟ ସଭାଗୁଡିକରେ ବିଭିନ୍ନ ସମୟରେ ଗୃହ କାର୍ଯ୍ୟ ବନ୍ଦ ହେଉଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜଣେ ଏମ୍ପି ଓ ବିଧାୟକ ଭାବେ ଏହି ସଂସଦୀୟ ସଭାଗୁଡିକରେ ନିଜର ଅଭିଜ୍ଞତାକୁ ସେ ଦୀର୍ଘ ସମୟ ଧରି ବର୍ଣ୍ଣନା କରିଥିଲେ। ପିଲାମାନଙ୍କୁ ଉପଦେଶ ଦେଇ ଆଚାର୍ଯ୍ୟ ଆହୁରି କହିଥିଲେ ଯେ, ଶିକ୍ଷା ପାଇଁ କୌଣସି ବୟସ ସୀମା ନାହିଁ। ସାରା ଜୀବନରେ ଜିଜ୍ଞାସୁ ହେବା ସହ ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିବା ପାଇଁ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସଭା ପ୍ରାରମ୍ଭରେ ଇମ୍ପେରିୟଲ କଲେଜର ଅଧକ୍ଷ ଦୁର୍ଗେଶ ଶତପଥୀ ପୂର୍ବତନ ଏମ୍ପି ଆଚାର୍ଯ୍ୟଙ୍କୁ ସ୍ୱାଗତ କରିଥିବା ବେଳେ ସଭାରେ ଉପସ୍ଥିତ ଥିବା ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ଆଚାର୍ଯ୍ୟଙ୍କ ଦୀର୍ଘ ୫୦ ବର୍ଷର ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବଦ୍ରିପ୍ରସାଦ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ ଓ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିକ୍ଷାନୁଷ୍ଠାନ ସମୂହର କାର୍ଯ୍ୟକାରୀ କମିଟି ସଦସ୍ୟ ଜୟପ୍ରକାଶ ଅଗ୍ରୱାଲ ପୂର୍ବତନ ଏମ୍ପି ଆଚାର୍ଯ୍ୟଙ୍କୁ ପାର୍ଲିଆମେଣ୍ଟର ଏକ ଫଟୋ ଚିତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ସଂସଦରେ ଉପସ୍ଥାପନ କରିଥିବା ବିଭିନ୍ନ ଅଭିଭାଷଣର ଭିଡିଓ ପ୍ରସାରଣ କରାଯାଇଥିଲା। ଅଧ୍ୟାପିକା ଯାଜ୍ଞସେନୀ ଜେନାଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।


ପୂର୍ବତନ ଏମ୍ପି ପ୍ରସନ୍ନ ଆଚାର୍ଯ୍ୟ ଅଭିଭାଷଣ ପ୍ରଦାନ କରୁଛନ୍ତି।

## ଗୋବିନ୍ଦପୁରରେ ଧାର୍ମିକ ପ୍ରବଚନ, ସତ୍‌ସଙ୍ଗ

ବରଗଡ଼ ଅଫିସ, ୧୫।୩

ଧର୍ମକୁ ଯିଏ ରକ୍ଷା କରେ, ଧର୍ମ ତାକୁ ରକ୍ଷା କରେ। ପ୍ରତ୍ୟେକ ଉତ୍ତମ କର୍ମ ଆଚରଣ ଜୀବନର ଧର୍ମ ହେବା ବିଧେୟ ବୋଲି ବରଗଡ଼ ବ୍ଲକ ଗୋବିନ୍ଦପୁରଠାରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ମାସିକ ଧାର୍ମିକ ପ୍ରବଚନ ଓ ସତ୍‌ସଙ୍ଗରେ ବକ୍ତାମାନେ ଯୋଗଦେଇ ମତପ୍ରକାଶ କରିଛନ୍ତି। ବିଶିଷ୍ଟ ପ୍ରବକ୍ତା ଜୀବର୍ଦ୍ଧନ ପ୍ରଧାନ ଯୋଗଦେଇ ମଣିଷ ଜୀବନ ଜିଇଁବାର ରହସ୍ୟ ଓ ଧାର୍ମିକ ଆଚରଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୃଦଙ୍ଗ ବାଦକ ଶରତ ଚନ୍ଦ୍ର ପୁରୋହିତ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନିତ୍ୟାନନ୍ଦ ନାଏକ, ଅଶୋକ ସାହୁ, ଶେଷଦେବ ସାହୁ, ଗୁରୁଦେବ ସାହୁ, ରୋହିତ ଭୋଇ, ଶିରୋମଣି ଦାଶ, ବ୍ୟାସଦେବ ଦାଶ, ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକଙ୍କ ସମେତ ଗ୍ରାମର ସଂକ୍ରାନ୍ତି ପରିଷଦର ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶତାଧିକ ମହିଳା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ବରଗଡ଼ରେ କାଂଶୀରାମଙ୍କ ଜୟନ୍ତୀ


କାଂଶୀରାମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ବରଗଡ଼ ଅଫିସ୍,୧୫।୩

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ବୁଧବାର ବରଗଡ଼ରେ ବିଏସ୍‌ପିର ସଂସ୍ଥାପକ କାଂଶୀରାମଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି। ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ବିଏସ୍‌ପିର ଜିଲା ସାଧାରଣ ସମ୍ପାଦକ ଧବଳେଶ୍ୱର ମହାନନ୍ଦ ପରିଚାଳନା କରିଥିଲେ। ଜୟନ୍ତୀ ଉତ୍ସବରେ ଜିଲା ପ୍ରଭାରୀ ଟଙ୍କଧର କଣ୍ଡା ମୁଖ୍ୟ ଅତିଥି, ବରିଷ୍ଠ ବିଏସ୍‌ପି ନେତା ପ୍ରମୋଦ ଲୁହୁରା ସମ୍ମାନିତ ଅତିଥି ଏବଂ ଜିଲା ସଭାପତି ଜୟରାମ ବାଘ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଅତିଥିମାନେ ବାବା ସାହେବ ଆମ୍ବେଡ଼କର ଏବଂ କାଂଶୀରାମଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଆଗାମୀ ଦିନରେ ବିଏସ୍‌ପିକୁ ମଜବୁତ କରିବା ସହିତ ଏହି ଦଳକୁ କ୍ଷମତାକୁ ଆଣିଲେ ତାହା କାଂଶୀରାମଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ପ୍ରଭାରୀ ଅଜୟ କୁମ୍ଭାର, ଚନ୍ଦ୍ରମଣି ତାଣ୍ଡି, ସଞ୍ଜୟ ଛନ୍ଦ, ଅଚ୍ୟୁତ ସର, ସରୋଜ କୁମ୍ଭାର, ଆଦର୍ଶୀ ସର, ଦେବ କୁମ୍ଭାର, ଦେବାନନ୍ଦ ଲୁହା ପ୍ରମୁଖ ଉପସ୍ଥିତ ଥିଲେ।

## ଚିକିତ୍ସା ଅବହେଳାରୁ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

ବଲାଙ୍ଗୀର ଅଫିସ, ୧୫।୩

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଜଣେ ଶିଶୁପୁତ୍ରର ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ ବୁବେଲ ଗାଁର ଗୋପାଳ ନାୟକ ଏଭଳି ଅଭିଯୋଗ କରିଛନ୍ତି। ଅସୁସ୍ଥତା କାରଣରୁ ସେ ତାଙ୍କର ତିନିବର୍ଷର ଶିଶୁପୁତ୍ରକୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବାରମ୍ବାର ଅନୁରୋଧ ପରେ ମଧ ଡାକ୍ତର ନ ଶୁଣିବାରୁ ତାଙ୍କ ପୁଅ ଚିକିତ୍ସା ନ ପାଇ ମୃତ୍ୟୁବରଣ କରିଥିବା ସେ ଅଭିଯୋଗ କରିଛନ୍ତି। ଗତ କିଛିଦିନ ହେଲା ଶିଶୁ ଅସୁସ୍ଥ ରହିଥିଲା। ଦୁଇଦିନ ପୂର୍ବରୁ ଶିଶୁକୁ ଡାକ୍ତରଖାନା ଅଣାଯାଇଥିଲେ ମଧ ଡାକ୍ତର ଖାମଖିଆଲି ଭାବେ ଦେଖି ଘରକୁ ନେଇଯିବା ପାଇଁ କହିଥିଲେ। ବୁଧବାର ପୁଣି ଥରେ ଡାକ୍ତରଖାନା ଅଣାଯିବା ପରେ ଡାକ୍ତର ସମାନ ଭାବେ ପୁଅକୁ କିଛି ହୋଇନାହିଁ କହିଥିଲେ। ତେବେ ମାତାପିତାଙ୍କ ଅନୁରୋଧ ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ ଠିକଣା ସମୟରେ ଚିକିତ୍ସା କରାଯାଇ ନ ଥିବା ଗୋପାଳ ଅଭିଯୋଗ କରିଛନ୍ତି। ଏ ନେଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଅଧୀକ୍ଷକ ଡା ମାନସୀ ପଣ୍ଡାଙ୍କୁ ପଚରାଯିବାରୁ ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛନ୍ତି। ଏହି ଘଟଣାକୁ ନେଇ ଡାକ୍ତରଖାନାରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଯାଇଥିଲା।

## ସାମାଜିକ କାର୍ଯ୍ୟ ପାଇଁ ଯୁବପିଢି ଆଗକୁ ଆସନ୍ତୁ

ଲୋଇସିଂହା,୧୫।୩(ଡି.ଏନ.ଏ)

ବଲାଙ୍ଗୀର ଜିଲ ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀଡୁଙ୍ଗରୀ କେନ୍ଦ୍ରରେ ଷାଠିଏ ଘର ଡୁମାଳ ସମାଜ ଆଞ୍ଚଳିକ ମହାସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସଭାପତି ବୃଷଭ ଦନ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ଲମ୍ବୋଦର ମହାକୁର ମୁଖ୍ୟ ଅତିଥି, ଜିଲା କାର୍ଯ୍ୟକାରିଣୀ କମିଟି ସଦସ୍ୟ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ, କେନ୍ଦ୍ର(ଚକ) ସଭାପତି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମହାକୁର ତାଙ୍କ ବକ୍ତବ୍ୟରେ ନିଶା ନିବାରଣ ସହ ସମାଜରୁ କୁସଂସ୍କାର ଦୂରୀକରଣ କରି ପାରିଲେ ପରିବର୍ତ୍ତନ ଅଣାଯାଇ ପାରିବ କହିଥିଲେ। ସମାଜର ସାମାଜିକ, ଅର୍ଥନୈତିକ ଓ ଶିକ୍ଷାର ଅଗ୍ରଗତି ଉପରେ ସେ ଗୁରୁତ୍ୱରୋପ କରିଥିଲେ। ସାମାଜିକ କାର୍ଯ୍ୟ ପାଇଁ ଯୁବପିଢି ଏବଂ ମହିଳାମାନେ ଆଗକୁ ଆସିବାକୁ ଜିଲା ସଭାପତି ଆହ୍ୱାନ ଜଣାଇଥିଲେ। ବିବାହ ପୂର୍ବରୁ ରିଙ୍ଗ ସେରିମନି, ପିଠାଖିଆ, ବାହାଘର ବେଳେ ଝିଅଘର ପକ୍ଷ ଆମିଷ ନ କରିବା ପାଇଁ ମହାସଭାରେ ପ୍ରସ୍ତାବ ପାରିତ ହୋଇଥିଲା। ଝିଅପୁଅମାନେ ସଂସ୍କାରି ହୋଇ ସାମାଜିକ ପ୍ରତିଷ୍ଠା ଲାଭ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

## ଜୀବନ ଜିଜ୍ଞାସାର କଥା କହିଲା କବିତା ଆସର


ବହୁଭାଷୀ କବିତା ଆସରରେ ଅତିଥିଙ୍କ ଉପସ୍ଥିତିରେ କବି କବିତା ପାଠ କରୁଛନ୍ତି।

**ଇଙ୍କଫେଷ୍ଟର ଦ୍ୱିତୀୟ ସନ୍ଧ୍ୟା**

ସୋନପୁର,୧୫।୩(ନି.ପ୍ର.)

ପଞ୍ଚମ ସୁବର୍ଣ୍ଣପୁର ଜିଲା ବାର୍ଷିକ ପୁସ୍ତକ ଓ ସାରସ୍ୱତ ଉତ୍ସବ ଇଙ୍କଫେଷ୍ଟର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ବ୍ଲକ ଛକସ୍ଥିତ ରୟାଲ ପଡିଆରେ ବହୁଭାଷୀ କବିତା ଆସର: ଶବ୍ଦ ପ୍ରହର ଆୟୋଜିତ ହୋଇଥିଲା। ଆସରରେ ୫୦ରୁ ଊର୍ଦ୍ଧ୍ୱ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବିଙ୍କ କବିତା ଜୀବନ ଜିଜ୍ଞାସାର କଥା କହିଥିଲା। ଏହା ଇଙ୍କଫେଷ୍ଟର ସନ୍ଧ୍ୟା ସମୟକୁ ବେଶ ଗୁଞ୍ଜରିତ କରିଥିଲା। ଆସରରେ ଅତିଥିଭାବେ ଯୋଗ ଦେଇଥିଲେ ଅଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅଧ୍ୟାପକ ଡ. ସୌରଭ ରଞ୍ଜନ ଖମାରୀ। କବିତା ଆସରକୁ ସଂଯୋଜନା କରିଥିଲେ କବୟିତ୍ରୀ ରଞ୍ଜିତା ପଣ୍ଡା, ଦେବଯାନୀ ମେଶୁଆ ଓ କବି ଲକ୍ଷ୍ମୀନାରାୟଣ ସାହୁ। ଶ୍ରୀଧର ବାଗ ଧନ୍ୟବାଦ ପ୍ରଦାନ କରିଥିଲେ। କବୟିତ୍ରୀ ଇନ୍ଦିରା ମିଶ୍ର, ଆରତୀ ଖମାରୀ, କବି ବେଣୁଧର ପ୍ରଧାନ, ଆଦିତ୍ୟ କୁମାର ପଣ୍ଡା, ସ୍ୱର୍ଣ୍ଣଲତା ମହାପାତ୍ର, ଶ୍ୟାମା ଓଁ ପ୍ରସାଦ ମିଶ୍ର, ବିଘ୍ନରାଜ ପଣ୍ଡା, ଶୁଭ୍ରାଂଶୁ ଶେଖର ବେହେରା, ପ୍ରଦ୍ୟୁମ୍ନ ସାହୁ, ରଞ୍ଜୁ ଅମାତ ଓ ଚନ୍ଦ୍ର ଶେଖର ମହାପାତ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## ସଂକ୍ଷେପରେ

### ବେଆଇନ ମଦ ବିକ୍ରି ବନ୍ଦ ଦାବିରେ ଅବକାରୀ ଅଫିସ ଘେରାଉ

**ସୁନ୍ଦରଗଡ଼,୧୫।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକରେ ବେଆଇନ ମଦ କାରବାର ବନ୍ଦ ଦାବିରେ ବୁଧବାର କୋଶଳ ସମାଜ ପକ୍ଷରୁ ଉଜ୍ଜ୍ୱଳପୁର ଅବକାରୀ ଥାନା ଘେରାଉ କରାଯାଇଥିଲା। କୋଶଳ ସମାଜ ମହାସଚିବ ଦିଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏହି ଘେରାଉ ପରେ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଉଜ୍ଜ୍ୱଳପୁର ଅବକାରୀ ଥାନା ଅଧିନ ଟାଙ୍ଗରପାଲି ବ୍ଲକ ଅଞ୍ଚଳରେ ମଦ ଭାଟିରୁ ବିଭିନ୍ନ ଢାବା, ହୋଟେଲ ଓ ଗାଁ ଗୁଡିକରେ ବେଆଇନ ଭାବେ ଏହି ମଦ ବିକ୍ରି ହେଉଛି। ଏଥିଯୋଗୁ ବିଭିନ୍ନ ସମୟରେ ବହୁ ଗଣ୍ଡଗୋଳ, ସହ ପରିବାରରେ ଅଶାନ୍ତି ଦେଖାଯାଉଛି। ଏ ଦିଗରେ ଅବକାରୀ ବିଭାଗ ଜାଣି ନ ଜାଣିଲା ଭଳି ଚୁପ ରହୁଛି। ଏଣୁ ଏଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ କୋଶଳ ସମାଜ ପକ୍ଷରୁ ଭୟଙ୍କର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଘେରାଉ କାର୍ଯ୍ୟକ୍ରମରେ କୋଶଳ ମହିଳା ସମାଜର ସଚିବ ପଦ୍ମା ଦେବୀ, ଜିଲା ମହିଳା ସଚିବ ତରଣୀ ଭୋଇ, ଟାଙ୍ଗରପାଲି ବ୍ଲକ ସଚିବ ଲକ୍ଷ୍ମୀ ନାଏକ, ବ୍ଲକ ମହିଳା ସଚିବ ପଙ୍କଜିନୀ ସେଠ, ପଞ୍ଚାୟତ ସଚିବ ଯଶୋବନ୍ତ ନାଏକ, ପିରୋବତି ନାଏକ, ହରି ତନ୍ତୀ, ପୂର୍ଣ୍ଣିମା ନାଏକ, ସୁମତି ମୁଣ୍ଡା ପ୍ରମୁଖ ଭାଗ ନେଇଥିଲେ। ଉଜ୍ଜ୍ୱଳପୁର ଅବକାରୀ ଥାନା ଅଧିକାରୀଙ୍କ ସହିତ ଉଜ୍ଜ୍ୱଳପୁର ସରପଞ୍ଚଙ୍କୁ ମଧ ଏହି ସ୍ମାରକପତ୍ର ଦିଆଯାଇଥିଲା।

### ବାଇକ୍ ଲୁଟ୍ ଘଟଣାରେ ୨ ଗିରଫ: କୋର୍ଟ ଚାଲାଣ

**ରାଜଗାଙ୍ଗପୁର, ୧୫।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂଶବାହାଲ ଫାଣ୍ଡି ଅଧିନସ୍ଥ ବିଲେଇଗଡରେ ଏକ ନୂତନ ଘର ନିର୍ମାଣ ଚାଲୁଥିବା ସମୟରେ ସେହି ଘରେ ରାତିରେ ୨ ଜଣ ଶ୍ରମିକ ଶୋଇଥିଲେ। ରାତି ପ୍ରାୟ ୨ଟା ସମୟରେ କିଛି ଦୁର୍ବୃତ୍ତ ମୁହଁରେ କପଡା ବାନ୍ଧି ଘରେ ପଶି ଶ୍ରମିକଙ୍କୁ ଉଠାଇ ତାଙ୍କୁ ଛୁରୀ ଦେଖାଇ ଭୟଭୀତ କରାଇ ସେମାନଙ୍କ ଠାରୁ କିଛି ଟଙ୍କା ଓ ଏକ ସ୍କୁଟି ଲୁଟ କରି ଫେରାର ହୋଇଯାଇଥିଲେ। ଏହି ଘଟଣାରେ କାଂସବାହାଲ ଫାଣ୍ଡି ଅଧିକାରୀ ଖଗପତି ବିଶ୍ୱାଳ ବିଲେଇଗଡ ଅଞ୍ଚଳର ଜିତେନ୍ଦ୍ର ପାଣ୍ଡେ ଓ ରାଜା ଏକ୍କାଙ୍କୁ ଗିରଫ କରି ତାଙ୍କ ଠାରୁ ସ୍କୁଟି ଜବତ କରିବା ସହ ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ।

### ଶତାୟୁଙ୍କ ପରଲୋକ

**ବଡ଼ଗାଁ, ୧୫।୩(ଡି.ଏନ୍.ଏ.):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ରୂନଗା ଗ୍ରାମର ଶତାୟୁ ବ୍ୟକ୍ତି ନଟବର ଦାନିଙ୍କ ମଙ୍ଗଳବାର ରାତିରେ ଦେହାନ୍ତ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୧୦୨ବର୍ଷ ବୟସ ହୋଇଥିଲା। ଗତ ଶନିବାର ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ସୁନ୍ଦରଗଡ଼ ଓ ପରେ ବୁର୍ଲା ଡ଼ାକ୍ତରଖାନା ନିଆଯାଇଥିଲା। ବୁର୍ଲା ମେଡିକାଲରୁ ଘରକୁ ଅଣାଯାଇଥିଲା। ରୂନଗାସ୍ଥିତ ତାଙ୍କ ବାସଭବନରେ ରାତି ୧୧ଟାରେ ମୃତ୍ୟୁ ଘଟିଥିଲା। ମୃତ୍ୟୁ ସମୟରେ ତାଙ୍କ ପୁତ୍ର ବିନୋଦ ଦାନି, ଭାବଗ୍ରାହୀ ଦାନିଙ୍କ ସହିତ ପୁତ୍ରବଧୂ, ନାତି ନାତୁଣୀ ଉପସ୍ଥିତ ଥିଲେ। ସେ ଧର୍ମ ବିଶ୍ୱାସୀ, ଜାତି ସମାଜର ସଙ୍ଗଠକ ଥିଲେ। ସେ ଜଣେ ସଫଳ ଚାଷୀ ଓ ମୃଦଙ୍ଗ ବାଦକ ଥିଲେ। ନିଜ ଗ୍ରାମର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକ ଅରୁଣସ୍ତମ୍ଭ ସ୍ଥାପନ କରିଥିଲେ।

# ଖଳିପତ୍ର ପ୍ରସ୍ତୁତି ରୋଜଗାରର ନୂଆ ରାସ୍ତା

**ସୁନ୍ଦରଗଡ଼,୧୫।୩(ଡି.ଏନ.ଏ.)**


ଖଳିପତ୍ର’ ପ୍ରସ୍ତୁତିରେ ନିୟୋଜିତ ହୋଇଥିବା ମହିଳା।

**ସୁନ୍ଦରଗଡ଼ ଜିଲା**
**୨୭୦୦ରୁ ଅଧିକ ମହିଳା ସ୍ୱାବଲମ୍ବୀ**

ସୁନ୍ଦରଗଡ଼ ଜିଲାର ଆଦିବାସୀ ମହିଳାମାନଙ୍କୁ ରୋଜଗାରର ନୂଆ ରାସ୍ତା ଦେଖାଇଛି ‘ଖଳିପତ୍ର’ ପ୍ରସ୍ତୁତି। ଆଧୁନିକ ମେସିନ ସାହାଯ୍ୟରେ ମହିଳାମାନେ ଶାଳ ଓ ଶିଆଳି ପତ୍ରରୁ ତିଆରି କରୁଥିବା ପରିବେଶ ଅନୁକୂଳ ଖଳିପତ୍ରର ଚାହିଦା ଏବେ ବଜାରରେ ଭଲ ରହିଛି। ଫଳରେ ସୁନ୍ଦରଗଡ଼ର ୨୭୦୦ରୁ ଅଧିକ ମହିଳା ଏବେ ଏହି ‘ଖଳିପତ୍ର’ ପ୍ରସ୍ତୁତିରେ ନିୟୋଜିତ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି।

ବନ ଧନ ବିକାଶ କାର୍ଯ୍ୟକ୍ରମ (ଭିଡିଭିକେ) ଅଧୀନରେ ଏହି ଖଳିପତ୍ର ଓ ଠୋଲା ପ୍ରସ୍ତୁତ କରାଯାଉଛି। ଏଥିପାଇଁ ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏନେଇ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ କହନ୍ତି, ‘ଆଦିବାସୀ ମହିଳାମାନେ ହାତରେ ଖଳିପତ୍ର ତିଆରି କରି ପାଖ ବଜାରରେ ବିକ୍ରି କରୁଥିଲେ। ହେଲେ ସେମାନଙ୍କୁ ପରିଶ୍ରମ ଅନୁସାରେ ଉଚିତ ପାରିଶ୍ରମିକ ମିଳୁ ନ ଥିଲା। ତେଣୁ ଏହାକୁ ଦୃଷ୍ଟିରେ ରଖି ବନଧନ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଏସ୍‌ଏଚଜି ମହିଳାମାନଙ୍କୁ ସାମିଲ କରାଯାଇ ଖଳିପତ୍ର ତିଆରି ପାଇଁ ଆଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଛି। ଏହାର ବିକ୍ରିବଟା ପାଇଁ ବଜାର ସୁବିଧା ମଧ କରାଯାଉଛି। ଆଗାମୀ ଦିନରେ ଏହାର କାର୍ଯ୍ୟ ପରିସରକୁ ବ୍ୟାପକ କରାଯାଇ କ୍ଷୁଦ୍ର ଶିଳ୍ପରେ ପରିଣତ କରିବାକୁ ଲକ୍ଷ୍ୟ ରହିଛି।

ସୁନ୍ଦରଗଡ଼ ଆଇଟିଡିଏ ଅଧୀନରେ ମୋଟ ୧୮ଟି ଭିଡିଭିକେ ୟୁନିଟ ରହିଛି। ସେଥିମଧ୍ୟରୁ ବାଲିଶଙ୍କରା, ଟାଙ୍ଗରପାଲି, ସବଡେଗା, ଲେଫ୍ରିପଡ଼ା ଏବଂ ହେମଗିର ବ୍ଲକରେ ଥିବା ୯ଟି ଭିଡିଭିକେ ୟୁନିଟର ମହିଳାମାନେ ଏହି ଖଳିପତ୍ର ତିଆରି କରୁଛନ୍ତି। ଏଥିପାଇଁ ସେମାନଙ୍କୁ ଷ୍ଟିଚିଂ ଓ ପ୍ରେସ ମେସିନ ସହିତ ଓଜନ ମେସିନ ଆଦି ଯୋଗାଇ ଦିଆଯାଇଛି। ଏହାର ପରିଚାଳନା ପାଇଁ ସୁନ୍ଦରଗଡ଼ ଆଇଟିଡିଏ ପକ୍ଷରୁ ମହିଳାମାନଙ୍କୁ ତାଲିମ ମଧ ଦିଆଯାଉଛି। ଏନେଇ ସବଡେଗା ଭିଡିଭିକେ ୟୁନିଟର ସମ୍ପାଦିକା ସବିତା ମାଝି କହନ୍ତି, ଆମ ଭିଡିଭିକେ ୟୁନିଟରେ ୩୦୦ ଜଣ ସଦସ୍ୟା ଅଛନ୍ତି। ଆମେ ମିଳିମିଶି ଜଙ୍ଗଲରୁ ପତ୍ର ସଂଗ୍ରହ କରିବା ସହିତ ମେସିନରେ ଖଳିପତ୍ର ତିଆରି କରିବା ଯାଏଁ ସବୁ କାମ କରୁଛୁ। ଏହି କାମ ପାଇଁ ଆମକୁ ମେସିନ ମିଳିଛି। ଫଳରେ ସୁବିଧାରେ ଆମେ ଖଳିପତ୍ର ତିଆରି କରି ବଜାରରେ ବିକ୍ରି କରିପାରୁଛୁ। ଭିଡିଭିକେ ୟୁନିଟର ଆଉ ଜଣେ ସଦସ୍ୟା ପିଙ୍କି ମେହେର କହନ୍ତି, ଆମେ ତିଆରି କରୁଥିବା ଖଳିପତ୍ରର ଭଲ ଚାହିଦା ରହିଛି। ଏହାକୁ ପାଖ ବଜାରରେ ବିକ୍ରି କରିବା ସହିତ ବିଭିନ୍ନ ମେଳା ଓ ମହୋତ୍ସବକୁ ମଧ ଯାଉଛୁ। ଲୋକମାନେ ଏହାକୁ ଆଗ୍ରହର ସହ କିଣୁଛନ୍ତି। ଆଗରୁ ଆଦିବାସୀ ମହିଳାମାନେ ହାତରେ ଖଳିପତ୍ର ତିଆରି କରୁଥିଲେ। କିନ୍ତୁ ଏବେ ମେସିନ ବ୍ୟବହାର କରିବା ଫଳରେ ଖଳିପତ୍ର ପ୍ରସ୍ତୁତି ସୁବିଧାଜନକ ହୋଇପାରିଛି। କମ ସମୟରେ ଅଧିକ ଖଳିପତ୍ର ଉତ୍ପାଦନ ହୋଇପାରୁଛି। ଗୋଟିଏ ଭିଡିଭିକେ ୟୁନିଟରୁ ଏବେ ଦିନକୁ ପ୍ରାୟ ୧୨୦୦ରୁ ୧୫୦୦ ଖଳିପତ୍ର ବାହାରି ପାରୁଛି। ଭିଡିଭିକେ ୟୁନିଟର ମହିଳାମାନେ ପାଖ ଜଙ୍ଗଲରୁ ଶାଳ ଓ ଶିଆଳି ପତ୍ର ସଂଗ୍ରହ କରି ଏହାକୁ ଖରାରେ ଶୁଖାଇ ଷ୍ଟିଚିଂ ପାଇଁ ପ୍ରସ୍ତୁତ କରିଥାନ୍ତି। ପ୍ରଥମେ ଖଡ଼ିକାରେ ଷ୍ଟିଚିଂ କରିବା ପରେ ଏହାକୁ ମେସିନରେ ସିଲେଇ କରାଯାଇଥାଏ। ଷ୍ଟିଚିଂ ହୋଇଥିବା ପତ୍ରକୁ ପ୍ରେସ ମେସିନରେ ପ୍ରେସ କରାଯାଇ ଖଳିପତ୍ର ତିଆରି କରାଯାଇଥାଏ। ଆଦିବାସୀ ମହିଳାଙ୍କୁ ସେମାନଙ୍କ ପାରମ୍ପରିକ ଜ୍ଞାନ ଓ ଦକ୍ଷତା ଆଧାରରେ ଜୀବିକାର ବ୍ୟାପକ ସୁଯୋଗ ଦେବା ପାଇଁ ‘ବନ ଧନ ବିକାଶ କର୍ଯ୍ୟକ୍ରମ’ (ଭିଡିଭିକେ) ଲାଗୁ କରାଯାଇଛି।

## ୧୦ଲକ୍ଷ ଟଙ୍କାର କାଠ ଜବତ, ୨ ଗିରଫ

**କୁଆଁରମୁଣ୍ଡା,୧୫।୩(ଡି.ଏନ.ଏ.)**

ରାଉରକେଲା ବନଖଣ୍ଡ ବୀରମିତ୍ରପୁର ରେଞ୍ଜ ଅନ୍ତର୍ଗତ ରାଇବୋଗା ବନାଞ୍ଚଳର ଏକ ବେଆଇନ କାଠ ଗୋଦାମ ଉପରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚୋରା ଶାଳକାଠ ସହ ଗମ୍ଭାରୀ, ଚାର କାଠ ଜବତ କରାଯାଇଛି। ୫୦୦ ଘନଫୁଟ ଶାଳ କାଠ ସହ ଗମ୍ଭାରୀ, ଚାର କାଠକୁ ମିଶାଇ ଜବତ କାଠର ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଏହା ସହ କାଠ ବ୍ୟବସାୟୀ ଅଭିଯୁକ୍ତ ରାଜେଶ ସାହୁ(୩୮) ଓ ବିଶ୍ରାମ କଙ୍ଗାଡ଼ି(୫୦)ଙ୍କୁ ବନ ବିଭାଗ ଗିରଫ କରି ଅଧିକ ପଚରାଉଚରା ଚଳାଇଛି। ବୁଧବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାଜେଶ ରାଏବୋଗା ଥାନା ଅନ୍ତର୍ଗତ ଗୋପପୁର ଗ୍ରାମର ହୋଇଥିବାବେଳେ ବିଶ୍ରାମ ହେଉଛନ୍ତି ସିମକୋ ଗ୍ରାମର ବାସିନ୍ଦା। ଗୋପପୁରସ୍ଥିତ କାଠ ଗୋଦାମରେ ସୋମବାରଠାରୁ ଏସିଏଫ୍ ସୌମ୍ୟରଞ୍ଜନ ଗୋଚ୍ଛାୟତଙ୍କ ସମେତ କୁଆଁରମୁଣ୍ଡା ରେଞ୍ଜର ସ୍ୱାଧୀନତା ସାହାଣୀ, କୁଆଁରମୁଣ୍ଡା ବନପାଳ ବିନିତା ବରୱା, ବୀରମିତ୍ରପୁର ବନପାଳ କଳ୍ପନା ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଚଢ଼ାଉ କରିଥିଲେ।

## ଲେଫ୍ରିପଡା ଲ୍ୟାମ୍ପସ ପକ୍ଷରୁ ଋଣ କର୍ମଶାଳା

**ଲେଫ୍ରିପଡା,୧୫।୩(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ଲ୍ୟାମ୍ପସ ଅନ୍ତର୍ଗତ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଲ୍ୟାମ୍ପସ ସଭାପତି ସୁନୀଲ କାଲୋଙ୍କ ସଭାପତିତ୍ୱରେ ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଜଟିଆ ମୁଣ୍ଡା, ସରପଞ୍ଚ ସୁରେନ୍ଦ୍ର ସା, ଲେଫ୍ରିପଡା ଲ୍ୟାମ୍ପସ ନିର୍ଦ୍ଦେଶକ କୌତୁକ ଚୌଧୁରୀ, ଉଦିତ କୁମାର ନାଏକ, ବଚନ ପ୍ରଧାନ, ମୀନକେତନ ନାଏକ, କେଦାର ସିଂ,ଗୋପାଳ ପ୍ରଧାନ, ଡିଆରସିଏସ ଇନିସପେକ୍ଟର,ଫ୍ରାଙ୍କଲିନ କୁଜୁର,ପ୍ରମୁଖ ମଞ୍ଚାସୀନ ରହିଥିଲେ । ପ୍ରାରମ୍ଭରେ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ପଟେଲ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ବୈଠକରେ ସମବାୟ ବ୍ୟାଙ୍କିଂ ସେବା ଏବଂ ଋଣ କର୍ମଶାଳା ବିଷୟରେ ଗୁରୁତ୍ୱାରୋପ କରି ଅତିଥିଗଣ ଉଦବୋଧନ ଦେଇଥିଲେ । ଏଥିରେ ଲେଫ୍ରିପଡା ରାଜଲକ୍ଷ୍ମୀ ଏସଏଚଜିକୁ ପାଞ୍ଚ ଲକ୍ଷ, ସୁଆରୀ ଯୋର ଅସ୍ମିତା ଏସଏଚଜିକୁ ଚାରିଲକ୍ଷ, ମା ସୁଭଦ୍ରା ଏସଏଚଜିକୁ ତିନିଲକ୍ଷ ସହିତ କୁଲାବିରାଗ୍ରାମର ଦୁଇ ଗୋଟି ଏବଂ ସିପୋକଛାର ଗ୍ରାମର ଗୋଟିଏ ଜେଏଲଜିକୁ ମିଶି ମୋଟ ତିନି ଲକ୍ଷ ଟଙ୍କା ଋଣ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ସରକାରଙ୍କ ନିର୍ଦ୍ଧାରିତ ନିୟମାନୁଯାୟୀ ଲ୍ୟାମ୍ପସ ପରିବର୍ଦ୍ଧିତ ହେଉଥିବାରୁ ସରପଗଡ଼, ଏବଂ ରାଜବାହାଲ ପଞ୍ଚାୟତକୁ ନେଇ ଏକ ଲ୍ୟାମ୍ପସ ଗଠନ କରାଯିବା ପାଇଁ ଆଲୋଚନା କରି କାର୍ଯ୍ୟ ପ୍ରସ୍ତୁତି କରାଯାଇଥିଲା। ଶେଷରେ ମୀନକେତନ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଗଡ଼ ରାଜବାହାଲ ପ୍ରମୁଖ ପଞ୍ଚାୟତର ବ୍ୟକ୍ତି ବିଶେଷ, ଚାଷୀ, ମହିଳା ଉପସ୍ଥିତ ରହିଥିଲେ।


ଲେଫ୍ରିପଡା ଲ୍ୟାମ୍ପସ ପକ୍ଷରୁ ଋଣ ପ୍ରଦାନ କରାଯାଉଛି।

## ହୋଲ୍ଡିଂ ଟ୍ୟାକ୍ସରେ ରିହାତି ପାଇଁ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା

**ଦେବଗଡ଼, ୧୫।୩(ଡି.ଏନ.ଏ.)**

ମୁନିସିପାଲିଟିର ଦ୍ୱିତୀୟ ଅଧିବେଶନରେ ମ୍ୟୁନିସିପାଲଟି ମାନୁଆଲ ୧୯୫୦ ,୧୫୯ (୨) ଅନୁଯାୟୀ ଯେଉଁ ବ୍ୟକ୍ତି ଅପ୍ରେଲ ମାସ ୩୦ ମଧ୍ୟରେ ଟିକସ ଦାଖଲ କଲେ ୨୦ଶତକଡା ଏବଂ ମେ ମାସ ୩୧ତାରିଖ ସୁଦ୍ଧା ଦେଲେ ୧୦ପ୍ରତିଶତ ରିହାତି ଦିଆଯିବ ବୋଲି ଅଛି ଏବଂ ତାକୁ ଉକ୍ତ ଅଧିବେଶନରେ ଆଗତ ଏବଂ ଗୃହିତ କରାଯାଇଛି। କିନ୍ତୁ ତାକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନ କରିବାରୁ ଉପନଗରପାଳ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଆଲୋଚନା କରିଥିଲେ। ଦେବଗଡ଼ ପୌରାଞ୍ଚଳବାସୀଙ୍କର ହୋଲ୍ଡିଂ ଟ୍ୟାକ୍ସରେ ରିହାତି ନିମନ୍ତେ ପୌର ପରିଷଦର ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଦେବଗଡ ପୌର ପରିଷଦ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କୁ ସାକ୍ଷାତକରି ପୌର ପରିଷଦର ଦ୍ୱିତୀୟ ଏବଂ ତୃତୀୟ କାଉନଶିଲ ବୈଠକର ନିଷ୍ପତ୍ତି କ୍ରମେ ହୋଲ୍ଡିଂ ଟ୍ୟାକ୍ସରେ ଏପ୍ରିଲ ୩୦ ତାରିଖ ସୁଦ୍ଧା ହୋଲ୍ଡିଂ ଟ୍ୟାକ୍ସ ପଇଠ କରୁଥିବା ପୌରାଞ୍ଚଳବାସୀଙ୍କୁ ଦେୟରେ ୨୦ ପ୍ରତିଶତ ରିହାତି ପ୍ରଦାନ ଓ ମଇ ମାସ ୩୦ ତାରିଖ ସୁଦ୍ଧା ହୋଲ୍ଡିଂ ଟ୍ୟାକ୍ସ ପଇଠ କରୁଥିବା ପୌରାଞ୍ଚଳବାସୀଙ୍କୁ ୧୦ ପ୍ରତିଶତ ରିହାତି ପ୍ରଦାନ ପାଇଁ ଆଦେଶ ଦେଇଥିବା ଜଣାପଡିଛି। ଏ ସମ୍ପର୍କରେ ଦେବଗଡବାସୀଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର ପୂର୍ବକ ସଚେତନ କରିବା ପାଇଁ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଭୋଜଙ୍କ ସମେତ ୧୧ ନମ୍ବର ୱାର୍ଡର ଭାଜପା କାଉନସିଲର କାର୍ତ୍ତିକ ମହାକୁଳ ଓ ୬ ନମ୍ବର ୱାର୍ଡର ସ୍ୱାଧିନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା ମଧ ଉପସ୍ଥିତ ଥିଲେ ।

## ଆନ୍ଦୋଳନକାରୀଙ୍କୁ ଗିରଫ ଦାବିରେ ବିଜେଡିର ଦାବିପତ୍ର

**ଟେନ୍‌ସା, ୧୫।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୋଇଡ଼ା ବିଡ଼ିଓ ପଲ୍ଲବୀରାଣୀ ରାଜଙ୍କ ବଦଳି ଦାବି ନେଇ ମଙ୍ଗଳବାର ସିଆଇଟିୟୁ ତରଫରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ ଓ ଧାରଣ ଦିଆଯାଇଛି। ଏହାକୁ ପ୍ରତିବାଦ କରି ବିଜୁ ଜନତା ଦଳ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେରେ ବଣାଇଁ ଉପଜିଲାପାଳ ସୁରଞ୍ଜନ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୋଇଡା ‘ଖ’ ଜିଲା ପରିଷଦ ସଭ୍ୟ ଅଶୋକ ନାଏକଙ୍କ ନେତୃତ୍ୱରେ ବଣାଇ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ସମାଜସେବୀ ପପୁ ମହାନ୍ତି, ବିଜେଡ଼ି ଜିଲା ଯୁବ ସଭାପତି ଅଭିନାଶ ସୁମନ ବାଗେ, ସରୋଜ ମଲ୍ଲିକଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ ବିଜୁ ଜନତା ଦଳର କର୍ମୀ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। କୋଇଡା ବ୍ଲକରେ ରାଜ୍ୟ ସରକାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଠିକ ଭାବେ କାର୍ଯ୍ୟକାରୀ କରୁଛନ୍ତି। ଏହାକୁ ଯେଉଁମାନେ ବିରୋଧ କରି ବ୍ଲକ ଅଫିସକୁ ବନ୍ଦ କରିଛନ୍ତି ସେମାନଙ୍କୁ ଗିରଫ କରାଯାଉ। ଆନ୍ଦୋଳନ ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ସେମାନଙ୍କୁ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଯଦି ଗିରଫ କରା ନ ଯାଏ ତେବେ ଆମେ ଆନ୍ଦୋଳନ କରିବୁ ବୋଲି ବିଜୁ ଜନତା ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଷ୍ଟିଲପ୍ଲାଣ୍ଟରେ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ

**ଟେନ୍‌ସା, ୧୫।୩(ଡି.ଏନ.ଏ.)**



ସୁନ୍ଦରଗଡ ଜିଲା କୋଇଡ଼ା କମାଣ୍ଡ ଗ୍ରାମରେ ଥିବା ରୁଙ୍ଗଟା ମାଇନ୍ସ ଲିମିଟେଡ଼ ଅଧୀନ କମାଣ୍ଡ ଷ୍ଟିଲପ୍ଲାଣ୍ଟ ପକ୍ଷରୁ ୫୨ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ଲାଣ୍ଟର ମୁଖ୍ୟ ଆଲୋକ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାରଖାନା ଓ ବାଷ୍ପୀୟ ରାଉରକେଲା ଡିଭିଜନର ଉପନିର୍ଦ୍ଦେଶକ ବିଭୁ ପ୍ରସାଦ, ସମ୍ମାନିତ ଅତିଥି ଭାବେ ରାଉରକେଲା ଜୋନ-୩ କାରଖାନା ଓ ବାଷ୍ପୀୟ ବିଭାଗ ସହନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ, ଅନ୍ୟତମ ଅତିଥି କମଣ୍ଡ ପ୍ଲାଣ୍ଟର ନିର୍ଦ୍ଦେଶକ ପ୍ରଣୟ ଦେଓ ଯୋଗଦେଇଥିଲେ। ଅତିଥିମାନେ ପ୍ଲାଣ୍ଟ ସୁରକ୍ଷା ସମ୍ବନ୍ଧୀୟ ମଡେଲ ମାଧ୍ୟମରେ କର୍ମଚାରୀଙ୍କୁ ବୁଝାଇଥିଲେ। ଏହି ସଭାରେ କାରଖାନାର ୨୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଯୋଗ ଦେଇଥିଲେ। ସୁରକ୍ଷା ଅଧିକାରୀ ରାମକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ଲାଣ୍ଟର ପ୍ରଶାସନ ବିଭାଗର ଜିତେନ୍ଦ୍ର କୁମାର ପ୍ରଧାନ, ବି. ଆର ମିଶ୍ର ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା: କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା



**ଦେବଗଡ଼, ୧୫।୩(ଡି.ଏନ.ଏ.)**

ଭୁବନେଶ୍ୱରଠାରେ ଆୟୋଜିତ ‘ତୁଷାର ଶ୍ରୀ’ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିବା ଦେବଗଡ ସହରର ଯୁବକ ରଞ୍ଜନ ଚୌଧୁରୀଙ୍କୁ ବୁଧବାର ଦେବଗଡ ‘ଲାୟନ୍ସ କ୍ଲବ’ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ହେପି ଟୁ ହେଲ୍ପ ଫାଉଣ୍ଡେସନ’ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସନ୍ଧ୍ୟାରେ ଲାୟନ୍ସ କ୍ଲବର ସଭାପତି ଶୁକଦେବ ଭଞ୍ଜ ପୌର ପରିଷଦ ଗଣେଶ ପାର୍କରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କ୍ଲବର ପୂର୍ବତନ ସଭାପତି ପ୍ରଶନ୍ନ କୁମାର ବେହେରାଙ୍କ ସମେତ ବହୁ ଜନସାଧାରଣ ଚୌଧୁରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ‘ହେପି ଟୁ ହେଲ୍ପ ଫାଉଣ୍ଡେସନ’ ପକ୍ଷରୁ ପୌର ପରିଷଦ ଗଣେଶ ପାର୍କରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଫାଉଣ୍ଡେସନର ସଭାପତି ଶୁକଦେବ ଭଞ୍ଜଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ଆଲୋକ କୁମାର ଅମାନ୍ତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ରାଜରାସ୍ତାକୁ ଓହ୍ଲାଇଲା ଦେବଗଡ଼ ଡ୍ରାଇଭର ସଂଘ

**ଦେବଗଡ଼, ୧୫।୩(ଡି.ଏନ୍.ଏ)**

୧୦ଦଫା ଦାବି ପୂରଣ ନେଇ ବୁଧବାର ରାଜ୍ୟ ବ୍ୟାପି ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ କରୁଛନ୍ତି ଓଡିଶା ଡ୍ରାଇଭର ମହାସଂଘ। ଏହାର ପ୍ରଭାବ ଦେବଗଡ଼ ଜିଲାରେ ମଧ ଦେଖିବାକୁ ମିଳିଛି। ଜିଲା ଡ୍ରାଇଭର ମହାସଂଘ ପକ୍ଷରୁ ତିଲେଇବଣି ବ୍ଲକ ସଦର ମହକୁମା, ରିଆମାଳ ବ୍ଲକର ତେଲିମୁଣ୍ଡା ଛକ ଏବଂ ବାରକୋଟ ବ୍ଲକ ବାସୁପାଲି ନିକଟରେ ଜାତୀୟ ରାଜପଥ ଉପରେ ପିକେଟିଂ କରାଯାଇ ବନ୍ଦ ପାଳନ କରାଯାଇଥିଲା। ତିନୋଟି ଯାକ ମୁଖ୍ୟ ସ୍ଥାନରେ ଡ୍ରାଇଭରମାନେ ଅବରୋଧ କରି ତାଙ୍କର ହକ ମାଗୁଥିବା ଦେଖିବାକୁ ମିଳିଥିଲା। ଆନ୍ଦୋଳନ ଯୋଗୁ ଜିଲାରେ ସ୍ୱାଭାବିକ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ଏପରିକି ଜିଲାରେ ବସ ଚଳାଚଳ ବନ୍ଦ ରହିଛି। ବିଭିନ୍ନ ସ୍ଥାନରେ ଏନ୍‌ଏଚ ସମତେ ଅନ୍ୟ ରାସ୍ତାକୁ ଅବରୋଧ କରିଛନ୍ତି ଡ୍ରାଇଭର। ମାତ୍ର ଏହି ବନ୍ଦରେ ଆମ୍ବୁଲାନ୍ସ, ଅଗ୍ନି ସେବା, ପ୍ରଶାସନିକ ସହିତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସେବାକୁ ବାଦ ଦେଇଛନ୍ତି।


ଦେବଗଡ଼ରେ ଡ୍ରାଇଭରମାନଙ୍କ ଆନ୍ଦୋଳନ।

# ଡ୍ରାଇଭର ମହାସଂଘ ପକ୍ଷରୁ ସୁନ୍ଦରଗଡ଼ରେ ଆନ୍ଦୋଳନ

**ସୁନ୍ଦରଗଡ,୧୫।୩(ଡି.ଏନ.ଏ. )**

୧୧ଦଫା ଦାବି ନେଇ ଓଡିଶା ଡ୍ରାଇଭର ମହାସଂଘ ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଷ୍ଟିଅରିଂ ଛାଡ ଆନ୍ଦୋଳନ ଯୋଗୁ ଗାଡି ଚଳାଚଳ ବ୍ୟାହତ ହୋଇଛି। ଯାତ୍ରାବାହୀ ବସ ସମେତ ଅନ୍ୟାନ୍ୟ ପରିବହନ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଦୁଇ ଚକିଆ ଗାଡି ବ୍ୟତୀତ କାଁଭା କିଛି ଅଟୋ ଓ କାରକୁ ଛାଡି ଦେଲେ ଅନ୍ୟ କୌଣସି ଯାନବାହନ ଚଳାଚଳ କରୁନାହିଁ। ସୁନ୍ଦରଗଡ ଦେଇ ଯାଇଥିବା ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେର କିରେଇ ଛକରେ ଓଡିଶା ଡ୍ରାଇଭର ମହାସଂଘ ସୁନ୍ଦରଗଡ ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଭାପତି ସନ୍ତୋଷ ଜୁରା, ସୁନ୍ଦରଗଡ଼ ଟାଉନ ସଭାପତି ସରୋଜ ଡୁଙ୍ଗ ଡୁଙ୍ଗ, ସଦର ବ୍ଲକ ସଭାପତି ଦୁଷ୍ମନ୍ତ କୁମାର ସାହୁ, ଉପସଭାପତି ଲୋଚନ ସେଠ, ସମ୍ପାଦକ ରଞ୍ଜିତ ନାଗ, କର୍ମକର୍ତ୍ତା ରୋହିତ ମହାନନ୍ଦ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଜିଲାର ବଡଗାଁ, ସବଡେଗା, ହେମଗିର, ତଳସରା ଛକ, ବାଲିଶଙ୍କରା ସମେତ ବିଭିନ୍ନ ସ୍ଥାନରେ ଡ୍ରାଇଭର ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଷ୍ଟିଅରିଂ ଛାଡ ଆନ୍ଦୋଳନ ଯୋଗୁ ଏମସିଏଲ, ଜାମକାନି, ଡୁଲଙ୍ଗା ଆଦି ଖଣିରୁ କୋଇଲା ପରିବହନ ସେବା ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ରାସ୍ତା ପାର୍ଶ୍ୱରେ ବହୁ ସଂଖ୍ୟାରେ କୋଇଲା ଟ୍ରକ ସମେତ ଅନ୍ୟାନ୍ୟ ସାମଗ୍ରୀ ପରିବହନ କରୁଥିବା ଗାଡିମୋଟର ଅଟକି ରହିଛି। ଡ୍ରାଇଭରଙ୍କ ଏହି ଆନ୍ଦୋଳନ ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏପରିକି ବୁଧବାର ସାପ୍ତାହିକ ହାଟ ମଧ ବସିପାରି ନାହିଁ। ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଷ୍ଟିୟରିଂ ଛାଡ ଆନ୍ଦୋଳନ ଡାକରା ବଣାଇଁ ଉପଖଣ୍ଡ ଅଞ୍ଚଳରେ ବ୍ୟାପକ ପ୍ରଭାବ ପରିଲକ୍ଷିତ ହୋଇଛି । ଶତାଧିକ ଚାଳକ ରାଜରାସ୍ତାକୁ ଓହ୍ଲାଇ ପିକେଟିଂ କରିଥିଲେ। ଦରେଇକଳା, ନରେନ୍ଦ୍ର, ରାଜାମୁଣ୍ଡା ବାଇପାସ, ଲହୁଣିପଡ଼ା, ଗୁରୁଣ୍ଡିଆ, କୋଇଡ଼ା ଅଞ୍ଚଳରେ ଏଭଳି ପିକେଟିଂ ଫଳରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି।



ସୁନ୍ଦରଗଡ଼ରେ ଡ୍ରାଇଭରମାନେ ଆନ୍ଦୋଳନ ସହ ବିକ୍ଷୋଭ କରୁଛନ୍ତି।

## ସଂକ୍ଷେପରେ

### ବାନଗ୍ନି ପ୍ରତିରୋଧ ପାଇଁ ମହିଳା ଗୋଷ୍ଠୀଙ୍କୁ ତାଲିମ

ଗୁଡଭେଲା,୧୫ା୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକରେ ୧୨ଟି ମହିଳା ଗୋଷ୍ଠୀ ସଦସ୍ୟମାନଙ୍କୁ ନେଇ ଦେଓଗାଁ ବନାଞ୍ଚଳ ଅଧିକାରୀ ଆଲୋକ ମାଝିଙ୍କ ଅଧକ୍ଷତାରେ ବୁଧବାର ସଚେତନତା କାର୍ଯ୍ୟକ୍ରମ ସହ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁଡ଼ଭେଲା ସେକ୍ସନ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଙ୍ଗଲରେ ନିଆଁକୁ ରୋକିବା ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଶପଥ ପାଠ କରାଯାଇଥିଲା। ଆଗକୁ କିପରି ଗ୍ରାମମାନଙ୍କରେ ସ୍ୱୟଂ ସହାୟକ ଗୋଷ୍ଠୀମାନେ ବନ ବିଭାଗ ସହିତ ମିଶି ସଚେତନତା କାର୍ଯ୍ୟକ୍ରମକୁ ଆଗେଇ ନେବେ ସେ ନେଇ ଯୋଜନା ପ୍ରସ୍ତୁତି କରାଯାଇଥିଲା। ସଭାରେ ବାନପାଳ ମଧୁସୂଦନ ଚାନ୍ଦ, ବନରକ୍ଷୀ ପ୍ରଶାନ୍ତ ବେହେରା, ଆମ ଜଙ୍ଗଲ ଯୋଜନାର ଉନ୍ନୟନ ଅଧିକାରୀ କନକ ବର୍ଦ୍ଧନ ବାରିକ, ଦଳମୁଖ୍ୟ ଚରଣପାଣି ବେଜ, ଡିଇଓ ନରେନ୍ଦ୍ର ବିଶ୍ୱାଳ, ମିଶନ ଶକ୍ତି କାର୍ଯ୍ୟାଳୟର ଚୈତନ୍ୟ ରଣା ଉପସ୍ଥିତ ଥିଲେ ।

### ଥାନା ଘେରିଲେ ଗ୍ରାମବାସୀ



ଟିଟିଲାଗଡ଼ ଥାନାକୁ ଅଭିଯୋଗ ପାଇଁ ଆସିଥିବା ଗ୍ରାମବାସୀ।

ଟିଟିଲାଗଡ,୧୫ା୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ବାନ୍ଧୁପଲା ପଞ୍ଚାୟତ ଅନ୍ତର୍ଗତ ବୁର୍ଡିପଡା ଗ୍ରାମର କେତେକ ଲୋକ କମ୍ୟୁନିଟି ସେଣ୍ଟର ନିର୍ମାଣରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ କରି ବୁଧବାର ଥାନାଧିକାରୀଙ୍କୁ ଫେରାଦ ହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ ଗ୍ରାମରେ ବହୁ ବର୍ଷ ପୂର୍ବରୁ ଏକ କ୍ଲବ ରହିଥିଲା । ତେବେ ଉକ୍ତ କ୍ଲବର ଜମିକୁ ଗାଁର ଜଣେ ବ୍ୟକ୍ତି ଦଖଲ କରି ଦୋକାନ ଘର କରିଥିଲେ । ଗ୍ରାମବାସୀଙ୍କ ତିନି ବର୍ଷର ସଂଗ୍ରାମ ପରେ ଟିଟିଲାଗଡ଼ ତହସିଲଦାର ବୁଲଡୋଜର ନେଇ ବେଆଇନ ନିର୍ମିତ ଉକ୍ତ ଦୋକାନ ଗୃହକୁ ଭାଙ୍ଗି ଦେଇଥିଲେ। ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଟୁକୁନି ସାହୁ ନିଜ ଲ୍ୟାଡରୁ ଅର୍ଥ ମଞ୍ଜୁର ପରେ ଗ୍ରାମବାସୀ ଉକ୍ତ ଜମିରେ କମ୍ୟୁନିଟି ସେଣ୍ଟର ତିଆରି ପାଇଁ ନିହ ଖୋଳା ଆରମ୍ଭ କରିଥିଲେ । ତେବେ ଉକ୍ତ ଜମିକୁ ପୂର୍ବରୁ ଦଖଲ କରିଥିବା ପରିବାର ଲୋକେ ଆସି ନାନା ଧମକଚକମ ସହ ହତ୍ୟା ଧମକ ଦେଉଥିଲେ। ଏଥିଯୋଗୁଁ ଗତ ମାସରେ ଗାଁଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ କରିବାରୁ ବୁଧବାର ସକାଳେ ଗ୍ରାମର ଶତାଧିକ ମହିଳା ପୁରୁଷ ପୁଣି ଥରେ ଥାନାରେ ପହଞ୍ଚିଥିଲେ। ଗ୍ରାମବାସୀ ଜୀବନ ପ୍ରତି ବିପଦ ଥିବା ନେଇ ଥାନାର ସୁରକ୍ଷା ଲୋଡ଼ିଥିଲେ। ଅନ୍ୟପକ୍ଷରେ ୮ଟି ପ୍ଲଟ ଥିବାବେଳେ ସରକାରୀ ଜମି ଦଖଲ କରିବାକୁ ଉଦ୍ୟମ କରୁଥିବା ଉକ୍ତ ବ୍ୟକ୍ତିଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଗ୍ରାମବାସୀ ଥାନାରୁ ଫେରିଥିଲେ ।



ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡ୍ରାଇଭର ମହାସଂଘ ସଦସ୍ୟମାନେ ଆନ୍ଦୋଳନରେ ବସିଛନ୍ତି।

### ଡ୍ରାଇଭର ମହାସଂଘ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

# ଗାଡ଼ି ଚଳାଚଳ ପ୍ରଭାବିତ

ବଲାଙ୍ଗୀର ଅଫିସ, ୧୫ା୩

ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଆହୂତ ଅନିର୍ଦ୍ଦିଷ୍ଟକାଳୀନ ଷ୍ଟିୟରିଂ ଛାଡ ଆନ୍ଦୋଳନ ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗୀର ଜିଲା ସଂଘ ପକ୍ଷରୁ ଶତାଧିକ ଡ୍ରାଇଭର ବୁଧବାର ପୂର୍ବାହ୍ନରୁ ଧାରଣାରେ ବସିଛନ୍ତି। ଏହି ଆନ୍ଦୋଳନ ଯୋଗୁଁ ବଲାଙ୍ଗୀର ଜିଲାରେ ବିଶେଷ କରି ସମସ୍ତ ପ୍ରକାର ମାଲବାହୀ ଗାଡ଼ି, ଯାତ୍ରୀବାହୀ ବସ୍, ଘରୋଇ କାର, ବୋଲେରୋ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଡ୍ରାଇଭର ସଂଘର ଆହ୍ୱାନ ସତ୍ତ୍ୱେ ସକାଳେ କିଛି ଗାଡିମୋଟର ଯାତ୍ରାରମ୍ଭ କରିଥିଲା। ତେବେ ବିଭିନ୍ନ ସ୍ଥାନରେ ଡ୍ରାଇଭରମାନେ ଉକ୍ତ ଗାଡିକୁ ଅଟକାଇବା ପରେ ଚଳାଚଳ ବନ୍ଦ ହୋଇଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ ଜିଲାର ୧୪ଟି ବ୍ଲକ୍‌ରେ ଡ୍ରାଇଭରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଡ୍ରାଇଭର ମହାସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ଏହି ଆନ୍ଦୋଳନ ଜାରି ରହିଛି। ଦାବିପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଦାବିପତ୍ରରେ ଡ୍ରାଇଭରମାନଙ୍କୁ କରୋନା ଯୋଦ୍ଧା ମାନ୍ୟତା ଦିଆଯିବା, ସାମାଜିକ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯିବା, ୫୫ବର୍ଷ ପରେ ସମସ୍ତ ଡ୍ରାଇଭରଙ୍କୁ ପେନସନ, ଗାଡିଗୁଡ଼ିକର ପାର୍କିଂ ସୁବିଧା, ଡ୍ରାଇଭରମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ଥା, ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭରମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ବୀମାରାଶି, ଅକମଣ୍ୟ ହେଲେ ୧୦ ଲକ୍ଷ ଟଙ୍କାର ବୀମାରାଶି ଓ ଦୁର୍ଘଟଣାଜନିତ ଚିକିତ୍ସା ପାଇଁ ୫ ଲକ୍ଷ ଟଙ୍କାର ଚିକିତ୍ସା ବୀମାରାଶି ସୁବିଧା ଯୋଗାଇବା, ଡ୍ରାଇଭରମାନଙ୍କ ନିର୍ଦ୍ଧାରିତ ମୂଲ୍ୟାଙ୍କନ ଏବଂ ଗାଡି ଚଳାଇବା ପାଇଁ ସମୟସୀମା ଧାର୍ଯ୍ୟ କରାଯିବା, ଡ୍ରାଇଭର ମାନଙ୍କୁ ଦ୍ୱିତୀୟ ସୈନିକ ମାନ୍ୟତା ସହ ୧୦ ଦଫା ଦାବି ପୂରଣ କରିବାକୁ ଦାବି କରାଯାଇଛି। ରାଜ୍ୟ ସଂଘ ପକ୍ଷରୁ କୌଣସି ସଙ୍କେତ ନ ମିଳିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ କର୍ମକର୍ତ୍ତା କହିଛନ୍ତି। ଅନ୍ୟପଟେ ଆଜି ଗାଡି ଚଳାଚଳ ପ୍ରଭାବିତ ହେବା ପରେ ଯାତ୍ରୀମାନେ ହଇରାଣ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ଲୋକେ ଅଟକି ରହିବା ଦେଖାଯାଇଥିଲା। ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀମାନେ ନିଜସ୍ୱ ବ୍ୟବସ୍ଥାରେ ସ୍କୁଲ ଯାଉଥିବା ଦେଖାଯାଇଥିଲା। ଯଦିଓ ସଂଘ ପକ୍ଷରୁ ଜରୁରୀକାଳୀନ ସେବା ଆମ୍ବୁଲାନ୍ସ, ଦମକଳ ବାହିନୀ, ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଗାଡି, ଖବରକାଗଜ ବିତରକ ଗାଡି ଏବଂ ପ୍ରଶାସନିକ ଗାଡିକୁ ବାଦ୍‌ଦିଆଯାଇଥିଲା। ସରକାରୀ ବସଗୁଡିକ ଯଥାରୀତି ଚଳାଚଳ କରୁଥିବା ଦେଖାଯାଇଥିଲା।

### ଚାରି ଦିଗରୁ ରାସ୍ତା ସିଲ୍ କଲେ ଡ୍ରାଇଭର

କଣ୍ଟାବାଞ୍ଜି, ୧୫ା୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଡ୍ରାଇଭର ସଂଘ ପାଟଣାଗଡ–କଣ୍ଟାବାଞ୍ଜି ଓ ଗୁଡିଘାଟ–କଣ୍ଟାବାଞ୍ଜି ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ଇନ୍ଦିରା ଛକରେ ପିକେଟିଂ କରିଥିଲେ। ସଂଘ କର୍ମକର୍ତ୍ତାମାନେ ଯାତାୟତ କରୁଥିବା ଯାନବାହନକୁ ଅଟକାଇ ବନ୍ଦକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ସେହିପରି କଣ୍ଟାବାଞ୍ଜି–ବଙ୍ଗୋମୁଣ୍ଡଶ ରାସ୍ତାର ବଙ୍ଗୋମୁଣ୍ଡା ରେଳ ଫାଟକ ଓ କଣ୍ଟାବାଞ୍ଜି–ତୁରେକେଲା ରୋଡର ଆଶ୍ରମପଡାଠାରେ ଡ୍ରାଇଭରମାନେ ଚାରିଚକିଆ ଯାନକୁ ଅଟକାଇ ଥିଲେ। ଜରୁରିକାଳୀନ ସେବା ସାଙ୍ଗକୁ ବିବାହ ଓ ପରୀକ୍ଷାର୍ଥୀମାନଙ୍କ ଯାନବାହାନକୁ ସଂଘ ଗନ୍ତବ୍ୟ ପଥରେ ଛାଡି ଦେଇଥିଲେ। ସକାଳ ୭ଟାରୁ ସହରର ବିଭିନ୍ନ ସଂଗଠନର ଡ୍ରାଇଭରମାନେ ରାସ୍ତାକୁ ଆସି ଚକାବନ୍ଦ କରିଥିଲେ ।

### ଫସିଲା ତୀର୍ଥଯାତ୍ରୀ ବସ୍



ଲୋଇସିଂହା ବ୍ଲକ ବୁର୍ଡା ନିକଟ ରାଜପଥରେ ବସିଥିବା ଡ୍ରାଇଭର ସଂଘ କର୍ମକର୍ତ୍ତା।

ଲୋଇସିଂହା(ଡି.ଏନ.ଏ)

ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଏବଂ ରୁଗୁଡିଖାଲଠାରେ ୨୬ନଂ ଜାତୀୟ ରାଜପଥରେ ଡ୍ରାଇଭର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବୁର୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ସମ୍ମୁଖରେ ସଂଘର ଲୋଇସିଂହା ବ୍ଲକ ସଭାପତି ସୁଶାନ୍ତ ସେଠଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ଆଗଲପୁର ବ୍ଲକ ସଭାପତି ରଘୁନାଥ ଚନ୍ଦନ ଓ ସମ୍ପାଦକ ମୋହନଲାଲ ଶିଖାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସନ୍ଧ୍ୟାରେ ବଲାଙ୍ଗୀରରୁ ବରଗଡ଼ ଅଭିମୁଖେ ଯାଇଥିବା ଏକ ସରକାରୀ ବସକୁ ଆନ୍ଦୋଳନକାରୀ ଅଟକାଇଥିଲେ। ବସ ଡ୍ରାଇଭର କୁଆଡେ ଆନ୍ଦୋଳନକାରୀଙ୍କୁ ମଡାଇ ଦେବାକୁ ଧାମକ ଦେଇଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ଛତିଶଗଡରୁ ପୁରୀକୁ ତୀର୍ଥଯାତ୍ରୀ ନେଇ ଯାଉଥିବା ୩ଟି ବସ ଫସି ରହିଥିଲା। ଖବର ପାଇ ସଦର ଏସ୍‌ଡିପିଓ ତୋଫାନ ବାଗ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଆସି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ତୀର୍ଥଯାତ୍ରୀ ବସକୁ ଛଡା ଯାଇଥିଲା।

### ଗଡ଼ିଲାନି ଗାଡ଼ି, ଲୋକେ ହଇରାଣ

ଲାଠୋର/ବେଲପଡା/ଖପ୍ରାଖୋଲ/ଗୁଡଭେଲା/ଟିଟିଲାଗଡ/ଦେଓଗାଁ, ୧୫ା୩(ଡ଼ି.ଏନ.ଏ.)

ଡ୍ରାଇଭରଙ୍କ ଆନ୍ଦୋଳନରେ ଲାଠୋର ଡ୍ରାଇଭର ସାମିଲ ହୋଇଥିବା ସଂଘର ବ୍ଲକ ସଭାପତି ଦିଲ୍ଲୀପ ନାଏକ ସୂଚନା ଦେଇଛନ୍ତି। ଆନ୍ଦୋଳନ ଯୋଗୁ ସମସ୍ତ ଘରୋଇ ଗାଡ଼ି ଚଳାଚଳ ବନ୍ଦ ରହିଛି। ସମ୍ପାଦକ ସୀମାଞ୍ଚଳ ସାହୁଙ୍କ ସହ ଶତାଧିକ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବେଲପଡା ବ୍ଲକ ଡ୍ରାଇଭର ଏକତା ମଞ୍ଚ ତରଫରୁ ବ୍ଲକ ସଭାପତି ମହାଦେବ ମେହେରଙ୍କ ନେତୃତ୍ୱରେ ଡ୍ରାଇଭରମାନେ ମୁଖ୍ୟରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରାସ୍ତାରେ ଚରିଚକିଆ ଯାନ ଚଳାଚଳ ବନ୍ଦ ରହିଥିଲା । ଖପ୍ରାଖୋଲରେ ଡ୍ରାଇଭର ମହାସଂଘ ତରଫରୁ ପାଟଣାଗଡ–ଖପ୍ରାଖୋଲ ରାସ୍ତାର ଧାନ ମଣ୍ଡି ନିକଟରେ ଧାରଣାରେ ବସିଥିଲେ। ବ୍ଲକ ଡ୍ରାଇଭର ସଂଘ ଆଡମିନ ଧନୁର୍ଦ୍ଧର ବାରିକ, ସଭାପତି ଦିଲୀପ କୁମାର ନାଏକ, ସମ୍ପାଦକ ସୀମାଞ୍ଚଳ ସାହୁଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଥିଲେ। ତୁଷୁରା ବସ୍‌ଷ୍ଟାଣ୍ଡଠାରେ ଡ୍ରାଇଭରମାନେ ଧାରଣା ଦେବା ସହ ଷ୍ଟିୟରିଂ ଛାଡ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଟିଟିଲାଗଡ଼ ଡ୍ରାଇଭର ସଂଘ ପକ୍ଷରୁ ଟିଟିଲାଗଡ଼ ବେଲଗାଁ ଜାତୀୟ ରାଜପଥ, ଟିଟିଲାଗଡ଼–କେସିଙ୍ଗା, ଟିଟିଲାଗଡ଼–ବଲାଙ୍ଗୀର ଏବଂ ଟିଟିଲାଗଡ଼–କଣ୍ଟାବାଞ୍ଜି ଓ ଖରିଆର ରାସ୍ତାର ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇଥିଲା। ଫଳରେ ପରିବହନ ବ୍ୟବସ୍ଥା ବ୍ୟାହତ ହୋଇଛି। ନ୍ୟାୟୋଚିତ ଦାବିଗୁଡିକ ସରକାର ତୁରନ୍ତ ପୂରଣ କରିବାକୁ ସଂଘର ଟିଟିଲାଗଡ଼ ଶାଖା ସଭାପତି ସହଦେବ ସାହୁ କହିଛନ୍ତି। ଦେଓଗାଁ ବସ୍‌ଷ୍ଟାଣ୍ଡ, ତୁଷୁରା ଛକ. ବନ୍ଧପଡା ଓ ମୁଣ୍ଡପଲା ଛକଠାରେ ଡ୍ରାଇଭର ମହାସଂଘ ତରଫରୁ ଷ୍ଟିୟରିଂ ଛାଡ ଆନ୍ଦୋଳନ କରାଯାଇଛି। ବ୍ଲକ ମହାସଂଘ ସଭାପତି ଲାଲୁ ସାଗରଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଦେଓଗାଁ ବସଷ୍ଟାଣ୍ଡରେ ଧାରଣା ଦେଇଥିଲେ। ଫଳରେ ଆଜି ଭାରୀଯାନ ତଥା ମାଲବାହୀ ଗାଡି ଚଳାଚଳ ବନ୍ଦ ରହିଛି। ଯାତ୍ରୀ ମାନେ ହନ୍ତସନ୍ତ ହେଉଥିବା ନଜରକୁ ଆସିଛି ।

## ତୀର୍ଥଯାତ୍ରାରେ ବାହାରିଲେ ୧୭୬ ବରିଷ୍ଠ ନାଗରିକ

ବଲାଙ୍ଗୀର ଅଫିସ, ୧୫ା୩

ବଲାଙ୍ଗୀର ଜିଲାର ବିଭିନ୍ନ ଅଞ୍ଚଳର ୧୭୬ ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଯୋଜନା ୨୦୨୨–୨୩ ଜରିଆରେ ଶିରିଡି ଓ ନାସିକ ତୀର୍ଥଯାତ୍ରା କରିଛନ୍ତି। ବୁଧବାର ଅପରାହ୍ଣରେ ବଲାଙ୍ଗୀର ଜିଲା ପର୍ଯ୍ଯଟନ କାର୍ଯ୍ଯାଳୟରୁ ବାହାରି ସମ୍ବଲପୁର ଅଭିମୁଖେ ଯାଇଥିବା ରାଜ୍ଯ ସଡକ ପରିବହନ ନିଗମର ୪ଟି ସ୍ୱତନ୍ତ୍ର ବସକୁ ଜିଲାପାଳ ଚଞ୍ଚଳ ରାଣା ଓ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମ୍ବଲପୁରରୁ ଗୁରୁବାର ସ୍ୱତନ୍ତ୍ର ତୀର୍ଥଯାତ୍ରୀ ଟ୍ରେନ ଯୋଗେ ଏହି ତୀର୍ଥଯାତ୍ରୀମାନେ ଶିରିଡି ଓ ନାସିକ ଅଭିମୁଖେ ଯାତ୍ରା କରିବେ। ଏହି କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର କୁମାର ଦଲାଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ରାଜ୍ୟ ହୋଟେଲ ପରିଚାଳନା ଅନୁଷ୍ଠାନ ଅଧକ୍ଷ ଡ଼ ସୁରେଶ କୁମାର ଏକନାଥ ଉପସ୍ଥିତ ଥିଲେ। ବଲାଙ୍ଗୀରରୁ ବାହାରିଥିବା ସମସ୍ତ ୧୭୬ ଜଣ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ତୀର୍ଥଯାତ୍ରୀଙ୍କୁ ଜିଲା ପ୍ରସାଶନ ପକ୍ଷରୁ ଆବଶ୍ୟକ ମେଡ଼ିସିନ କିଟ ପ୍ରଦାନ କରାଯାଇଛି। ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ଭେଷଜ ବିଶେଷଜ୍ଞ ଡା. ଶ୍ରୀନିବାସ ସାହୁ ଓ ଡା ଅଶୋକ କୁମାର ମିଶ୍ର ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତୀର୍ଥଯାତ୍ରୀମାନଙ୍କ ମଧ୍ୟରେ ୯୮ ପୁରୁଷ ଓ ୭୮ ମହିଳା ବରିଷ୍ଠ ନାଗରିକ ଅଛନ୍ତି। ବଲାଙ୍ଗୀର ଜିଲାର ତୀର୍ଥଯାତ୍ରୀଙ୍କ ସହ ପାଞ୍ଚ ଜଣ ଏସ୍କର୍ଟ ଅଫିସରଙ୍କୁ ଜିଲା ପ୍ରସାଶନ ପକ୍ଷରୁ ପଠାଯାଇଛି। ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଶିରିଡି ଓ ନାସିକ ତୀର୍ଥଯାତ୍ରା ସମାପ୍ତ କରି ୨୧ ତାରିଖରେ ବଲାଙ୍ଗୀର ଫେରିବେ। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ତୀର୍ଥଯାତ୍ରୀଙ୍କ ଶୁଭ ଯାତ୍ରା କାମନା କରାଯାଇଛି।




ବରିଷ୍ଠ ତୀର୍ଥଯାତ୍ରୀ ସ୍ୱତନ୍ତ୍ର ବସକୁ ଜିଲାପାଳ ଚଞ୍ଚଳ ରାଣା ଓ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ବାର୍ଷିକ କାର୍ଯ୍ୟଖସଡ଼ା ପାଇଁ ସମନ୍ୱୟ ବୈଠକ

ଦେଓଗାଁ, ୧୬ା୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ବୁଧବାର ବାର୍ଷିକ କାର୍ଯ୍ୟ ଖସଡା ପାଇଁ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଦୟାନିଧି ଖମାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ସୁରେନ୍ଦ୍ର କୁମାର ମେହେର, ଦାୟିତ୍ୱରେ ଥିବା ଗ୍ରାମପଞ୍ଚାୟତ ଅଧିକାରୀ ବୀଣା ପଧାନ ପ୍ରମୁଖ ଉପସ୍ଥିତ ରହି ବାର୍ଷିକ କାର୍ଯ୍ୟଖସଡା ଉପରେ ଆଲୋଚନା କରିଥିଲେ । ଏ ଅବସରରେ ବ୍ଲକର ୨୬ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ବୈଠକରେ ଏସଏଫସି, ସିଏଫସି ପାଣ୍ଠିକୁ ନେଇ ଆଲୋଚନା କରାଯାଇଥିଲା। ଗ୍ରୀଷ୍ମଋତୁକୁ ସଫଳତାର ସହ ମୁକାବିଲା କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ପ୍ରତି ଗାଁରେ କିପରି ପାନୀୟଜଳ ସୁବିଧା ହୋଇପାରିବ ସେନେଇ ସମସ୍ତେ ସଜାଗ ରହିବା ନେଇ ଆଲୋଚନା ହୋଇଥିଲା। ପଞ୍ଚାୟତ ମାନଙ୍କରେ କାର୍ଯ୍ୟଖସଡା ପ୍ରସ୍ତୁତ ହେବା ପରେ ମଧ କାର୍ଯ୍ୟକାରୀ ହେଉନାହିଁ। ହୋଇଥିବା କାର୍ଯ୍ୟର ବିଲ ହେବାରେ ମାସମାସ ଲାଗୁଛି ବୋଲି ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର ଓ ଅନ୍ୟ ସରପଞ୍ଚମାନେ ଅସନ୍ତୋଷବ୍ୟକ୍ତ କରି ବୈଠକ ଅଧାରୁ ବାହାରକୁ ବାହାରି ଆସିଥିଲେ। ଫଳରେ ଅଧଘଣ୍ଟାଧରି ବୈଠକ ବାଧାପ୍ରାପ୍ତ ହୋଇଥିଲା। ବିଡିଓ ଓ ଜିପିଓ ବୁଝାସୁଝା କରିବା ପରେ ବୈଠକ ସ୍ୱାଭାବିକ ଭାବେ ହୋଇଥିଲା ।

## ସାମାଜିକ କାର୍ଯ୍ୟ ପାଇଁ ଯୁବପିଢ଼ୀ ଆଗକୁ ଆସନ୍ତୁ

ଲୋଇସିଂହା,୧୫ା୩(ଡି.ଏନ.ଏ)

### ଷାଠିଏ ଘର ଡୁମାଳ ସମାଜ ଆଞ୍ଚଳିକ ମହସଭା

ବଲାଙ୍ଗୀର ଜିଲ ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀଡୁଙ୍ଗରୀ କେନ୍ଦ୍ରରେ ଷାଠିଏ ଘର ଡୁମାଳ ସମାଜ ଆଞ୍ଚଳିକ ମହାସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସଭାପତି ବୃଷଭ ଦନ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ଲମ୍ବୋଦର ମହାକୁର ମୁଖ୍ୟ ଅତିଥି, ଜିଲା କାର୍ଯ୍ୟକାରିଣୀ କମିଟି ସଦସ୍ୟ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ, କେନ୍ଦ୍ର(ଚକ) ସଭାପତି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମହାକୁର ତାଙ୍କ ବକ୍ତବ୍ୟରେ ନିଶା ନିବାରଣ ସହ ସମାଜରୁ କୁସଂସ୍କାର ଦୂରୀକରଣ କରି ପାରିଲେ ପରିବର୍ତ୍ତନ ଅଣାଯାଇ ପାରିବ କହିଥିଲେ। ସମାଜର ସାମାଜିକ, ଅର୍ଥନୈତିକ ଓ ଶିକ୍ଷାର ଅଗ୍ରଗତି ଉପରେ ସେ ଗୁରୁତ୍ୱରୋପ କରିଥିଲେ। ସାମାଜିକ କାର୍ଯ୍ୟ ପାଇଁ ଯୁବପୀଢି ଏବଂ ମହିଳାମାନେ ଆଗକୁ ଆସିବାକୁ ଜିଲା ସଭାପତି ଆହ୍ୱାନ ଜଣାଇଥିଲେ। ବିବାହ ପୂର୍ବରୁ ରିଙ୍ଗ ସେରିମନି, ପିଠାଖିଆ, ବାହାଘର ବେଳେ ଝିଅଘର ପକ୍ଷ ଆମିଷ ନ କରିବା ପାଇଁ ମହାସଭାରେ ପ୍ରସ୍ତାବ ପାରିତ ହୋଇଥିଲା। ଝିଅପୁଅମାନେ ସଂସ୍କାରି ହୋଇ ସାମାଜିକ ପ୍ରତିଷ୍ଠା ଲାଭ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ମହାସଭରେ ସମାଜର ନୀତିନିୟମ ଏବଂ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା।




ଷାଠିଏ ଘର ଡୁମାଳ ସମାଜ ଆଞ୍ଚଳିକ ମହାସଭାରେ ମଞ୍ଚାସୀନ ଅତିଥି।

## ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କର

ବଲାଙ୍ଗୀର ଅଫିସ, ୧୫ା୩

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକ ପତ୍ର

ଓଡ଼ିଶା ସରକାରୀ ଆଉଟ ସୋର୍ସିଂ କର୍ମଚାରୀ ମହାସଂଘ ବଲାଙ୍ଗୀର ଶାଖା ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ଥିଲା। ମହାସଂଘର ଜିଲାସ୍ତରୀୟ ସଦସ୍ୟମାନେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ଆସନ୍ତା ୨୫ ତାରିଖଠାରୁ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ରାଜ୍ୟ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି ଆହ୍ୱାନକୁ ଜିଲା ସଂଘ ସମର୍ଥନ ଜଣାଇଛି। ସମସ୍ତ ଆଉଟସୋର୍ସି କର୍ମଚାରୀଙ୍କୁ ସ୍ଥାୟୀ କରିବା, ଠିକଣା ସମୟରେ ଏବଂ ନିୟମିତ ମାସିକ ଦରମା ପ୍ରଦାନ, ସର୍ବନିମ୍ନ ଦରମା ବୃଦ୍ଧି, ଛଟେଇ କର୍ମଚାରୀଙ୍କୁ ପୁନଃ ଥଇଥାନ ଆଦି ୧୧ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ମଧ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହାସଂଘ ପକ୍ଷରୁ ଗତ ନଭେମ୍ବର ୨୬ତାରିଖରେ ଭୁବନେଶ୍ୱରଠାରେ ବିଶାଳ ଗଣବିକ୍ଷୋଭର ଆୟୋଜନ କରାଯାଇ ନ୍ୟାର୍ଯ୍ୟ ଦାବି ଉପସ୍ଥାପନ କରାଯାଇଥିଲା। ଆନ୍ଦୋଳନ ପରେ ମୁଖ୍ୟ ଶାସନ ସଚିବ ଦାବି ପୂରଣ ନେଇ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ମଧ ସରକାର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ରାଜ୍ୟର ଲକ୍ଷାଧିକ ଆଉଟସୋର୍ସି କର୍ମଚାରୀ କଠିନ ପରିଶ୍ରମ କରି ବିଭିନ୍ନ ଜନକଲ୍ୟାଣକାରୀ ସରକାରୀ ଯୋଜନାଗୁଡିକର ସଫଳ ରୂପାୟନରେ ଗୁରୁତ୍ୱପୂର୍ଣ ଯୋଗଦାନ କରିଆସୁଛନ୍ତି। ମାତ୍ର ସରକାର ସମ୍ପୂର୍ଣ୍ଣ ଭାବେ ଆଉଟସୋର୍ସି କର୍ମଚାରୀଙ୍କ ଦାବି ପ୍ରତି ଆଖି ବୁଜି ଦେଇଛନ୍ତି ବୋଲି ମହାସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଏହି ପରିପେକ୍ଷୀରେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ରାଜ୍ୟସଂଘ ପ୍ରସ୍ତୁତ ହେଉଛି। ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ରାଜେଶ ଝାଙ୍କର, ଚଞ୍ଚଳ ମିଶ୍ର, ସୁନୀଲ ମିଶ୍ର, ଦିଲୀପ ସାହୁ, ନିରୋଜ ମିଶ୍ର, ଆଶୁତୋଷ ବେହେରାମାଳି, ଅଭିଳାଷ ମିଶ୍ର, ଲକ୍ଷ୍ମଣ ସାହୁ, ଈଶାନେଶ୍ୱର ମିଶ୍ର, ସନ୍ତୋଷ ତ୍ରିପାଠୀ, ଚିନ୍ମୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଆଉଟ୍ ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ତୀର୍ଥଯାତ୍ରାରେ ଗଲେ ବରିଷ୍ଠ ନାଗରିକ



ବରଗଡ଼ ଅଫିସ୍,୧୫।୩: ରାଜ୍ୟ ସରକାରଙ୍କ ବରିଷ୍ଠ ତୀର୍ଥଯାତ୍ରୀ ଯୋଜନାରେ ବୁଧବାର ବରଗଡ଼ କଲ୍ୟାଣ ମଣ୍ଡପରୁ ୧୧୭ଜଣ ଯାତ୍ରୀ ଶିରିଡ଼ି, ନାସିକ, ତ୍ରୟମ୍ବକେଶ୍ୱର ଅଭିମୁଖେ ବାହାରିଛନ୍ତି। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଯାତ୍ରାର ଶୁଭାରମ୍ଭ କରିବା ସହ ସମସ୍ତ ବରିଷ୍ଠ ତୀର୍ଥଯାତ୍ରୀଙ୍କ ଶୁଭ କାମନା କରିଥିଲେ। ଏହି ଯାତ୍ରାକୁ ଜିଲା ପର୍ଯ୍ୟଟନ ଅଧିକାରୀ ପ୍ରମୋଦ କୁମାର ସିଂ ଆୟୋଜନ କରିଥିବାବେଳେ ତୀର୍ଥଯାତ୍ରୀଙ୍କ ସହାୟକ ଅଧିକାରୀ ଭାବେ ଜିଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ମହେନ୍ଦ୍ର ସାହୁ, ନିୟନ୍ତ୍ରିତ ବଜାର କମିଟିର ମହେନ୍ଦ୍ର ସା, ସ୍ୱାସ୍ଥ୍ୟ ବିଭାଗର ନରେଶ ଦାଶ ପ୍ରମୁଖ ସେମାନଙ୍କ ସାଥିରେ ଯାତ୍ରା କରିଛନ୍ତି। ଆସନ୍ତା ୨୧ତାରିଖରେ ସେମାନେ ତୀର୍ଥଯାତ୍ରାରୁ ଫେରିବେ ବୋଲି ସୂଚନା ଦିଆଯାଇଛି।

### ମାହେଶ୍ୱରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ବରପାଲି,୧୫।୩(ଡି.ଏନ.ଏ.): ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ଆଗଲପୁର ତେନ୍ତେଲପାଲିଠାରେ ଥିବା ମା' ମାହେଶ୍ୱରୀ ମହାବିଦ୍ୟାଳୟର ନବମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତି ସଭାପତି ବିରୋସନ ସାହୁ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଝସକେତନ ମେହେର, ମହାବିଦ୍ୟାଳୟ ସଭାପତି ଉପେନ୍ଦ୍ର ଖେତି, ଅଧକ୍ଷ ବୃନ୍ଦାବନ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା ପରିଷଦର ସମସ୍ତ ସଭ୍ୟାସଭ୍ୟ, ଅଧାପିକା ଅଧାପକ, ମହାବିଦ୍ୟାଳୟର କାର୍ଯ୍ୟକର୍ତ୍ତା ତଥା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହିଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### ବାନଗ୍ନି ପ୍ରତିରୋଧ ପାଇଁ ମହିଳା ଗୋଷ୍ଠୀଙ୍କୁ ତାଲିମ

ଗୁଡଭେଲା,୧୫।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକରେ ୧୨ଟି ମହିଳା ଗୋଷ୍ଠୀ ସଦସ୍ୟମାନଙ୍କୁ ନେଇ ଦେଓଗାଁ ବନାଞ୍ଚଳ ଅଧିକାରୀ ଆଲୋକ ମାଝିଙ୍କ ଅଧକ୍ଷତାରେ ବୁଧବାର ସଚେତନତା କାର୍ଯ୍ୟକ୍ରମ ସହ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁଡ଼ଭେଲା ସେକ୍ସନ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଙ୍ଗଲରେ ନିଆଁକୁ ରୋକିବା ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଶପଥ ପାଠ କରାଯାଇଥିଲା। ଆଗକୁ କିପରି ଗ୍ରାମମାନଙ୍କରେ ସ୍ୱୟଂ ସହାୟକ ଗୋଷ୍ଠୀମାନେ ବନ ବିଭାଗ ସହିତ ମିଶି ସଚେତନତା କାର୍ଯ୍ୟକ୍ରମକୁ ଆଗେଇ ନେବେ ସେ ନେଇ ଯୋଜନା ପ୍ରସ୍ତୁତି କରାଯାଇଥିଲା। ସଭାରେ ବାନପାଳ ମଧୁସୂଦନ ଚାନ୍ଦ, ବନରକ୍ଷୀ ପ୍ରଶାନ୍ତ ବେହେରା, ଆମ ଜଙ୍ଗଲ ଯୋଜନାର ଉନ୍ନୟନ ଅଧିକାରୀ କନକ ବର୍ଦ୍ଧନ ବାରିକ, ଦଳମୁଖ୍ୟ ଚରଣପାଣି ବେଜ, ଡିଇଓ ନରେନ୍ଦ୍ର ବିଶ୍ୱାଳ, ମିଶନ ଶକ୍ତି କାର୍ଯ୍ୟାଳୟର ଚୈତନ୍ୟ ରଣା ଉପସ୍ଥିତ ଥିଲେ।

# ୮ ହଜାର ଡ୍ରାଇଭରଙ୍କ ଅହୋରାତ୍ର ଆନ୍ଦୋଳନ

## ସୁବର୍ଣ୍ଣପୁରରେ ଯାତ୍ରୀବାହୀ ବସ୍, ଟ୍ରକ୍ ଚଳାଚଳ ବନ୍ଦ

ସୋନପୁର,୧୫।୩(ନି.ପ୍ର.)

ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ୬ ଦଫା ଦାବି ନେଇ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ ଆନ୍ଦୋଳନ ଡାକରା ଦିଆଯାଇଛି। ପ୍ରଥମ ଦିନରେ ଏହି ଆନ୍ଦୋଳନର ବ୍ୟାପକ ପ୍ରଭାବ ସୁବର୍ଣ୍ଣପୁର ଜିଲାରେ ଅନୁଭୂତ ହୋଇଛି। ଜିଲାରେ ପ୍ରାୟ ୮ ହଜାର ଡ୍ରାଇଭର ଏହି ଅହୋରାତ୍ର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ଜିଲାରେ ଯାନବାହାନ ଚଳାଚଳ ପ୍ରାୟତଃ ବନ୍ଦ ରହିଛି। ତେବେ କାଁ ଭାଁ କାର ମାଲିକମାନେ ନିଜେ ଡ୍ରାଇଭିଂ କରି ରାସ୍ତାରେ ଯାଉଥିବା ଦେଖିବାକୁ ମିଳିଥିଲା। ଯାତ୍ରୀମାନେ ଯାତାୟତ କରିବାକୁ ଅସୁବିଧା ଭୋଗିଛନ୍ତି। ସୁବର୍ଣ୍ଣପୁର ଜିଲାର ସୋନପୁର, ତରଭା, ବୀରମହାରାଜପୁର, ଉଲୁଣ୍ଡା, ଡୁଙ୍ଗୁରିପାଲି ଓ ବିନିକାରେ ଡ୍ରାଇଭର ସଂଘର କର୍ମକର୍ତ୍ତା ଓ ସଦସ୍ୟ ମାନେ ରାସ୍ତାରେ ବସି ରହି ଆନ୍ଦୋଳନ କରୁଛନ୍ତି। ବସ, ଟ୍ରକ୍, କାର ସମେତ ପରିବହନ ସହିତ ଜଡିତ କୌଣସି ହଳଦିଆ



ବୀରମହାରାଜପୁର କାନପୁର ଛକରେ ଡ୍ରାଇଭରମାନେ ଧାରଣାରେ ବସିଛନ୍ତି।

ନମ୍ବର ବିଶିଷ୍ଟ ଗାଡିକୁ ରାସ୍ତାରେ ଯିବାକୁ ଦିଆ ଯାଉନାହିଁ। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ସୋନପୁର ଥାନା ଅର୍ଜ୍ଜୁନପୁର ଛକରେ ଛତାଧିକ ଡ୍ରାଇଭର ଧାରଣାରେ ବସିଥିବା ବେଳେ ତରଭା ନମସ୍ତେ ଛକରେ ୪୦୦ରୁ ଉର୍ଦ୍ଧ ଡ୍ରାଇଭର ଅହୋରାତ୍ର ଧାରଣାରେ ବସିଛନ୍ତି। ବୀରମହାରାଜପୁରର କାନପୁର ଛକରେ ଶତାଧିକ ଡ୍ରାଇଭର ଧାରଣା ଦେଇଛନ୍ତି। ଏପରିକି ସରକାରୀ ବସ୍ ଚଳାଚଳ କରୁଥିଲେ ସଂଘର କର୍ମକର୍ତ୍ତାମାନେ ତାଙ୍କୁ ମିଠା ଖୁଆଇ ବେକରେ ଫୁଲ ମାଳ ପକାଇ ସଚେତନ କରୁଛନ୍ତି। ସରକାରଙ୍କ ପକ୍ଷରୁ ଡ୍ରାଇଭରଙ୍କ ପ୍ରତି କରା ଯାଉଥିବା ଅନ୍ୟାୟ ବିଷୟରେ ବୁଝାଉଛନ୍ତି । ଡ୍ରାଇଭରଙ୍କ ପାଇଁ ବୀମା ଓ ପେନସନ ସୁବିଧା ସହ ରାସ୍ତାପାର୍ଶ୍ୱରେ ଶୌଚାଳୟ ଓ ବିଶ୍ରାମାଗାର ଏବଂ ଡ୍ରାଇଭରଙ୍କ ପାଇଁ ରାଜ୍ୟ ସରକାର ଏକ ପାଣ୍ଠି ତିଆରି କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଡ୍ରାଇଭର ସଂଘର ସୁବର୍ଣ୍ଣପୁର ଜିଲା ସଭାପତି ସନ୍ତୋଷ ମହାକୁଡ, ଉପସଭାପତି ଜ୍ୟୋତିରଞ୍ଜନ ପଧାନ, ପ୍ରତାପ ମିଶ୍ର, ସୁରେଶ ଚନ୍ଦ୍ର ବେହେରା, ସୁଧୀର କୁମାର ସାହୁ, ରଞ୍ଜିତ କର୍ଣ୍ଣ, ପରେଶ ମେହେର, ନନ୍ଦ କିଶୋର ସାହୁ, ସଞ୍ଜିବ ହାତୀ ଓ ଶ୍ୟାମ ପଧାନ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

## କଟାପାଲି ପ୍ୟାକ୍ସର ବାର୍ଷିକ ସାଧାରଣ ସଭା

ବରପାଲି,୧୫।୩(ଡି.ଏନ.ଏ.)

ବରଗଡ ଜିଲା ବରପାଲି ବ୍ଲକ କଟାପାଲି ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସମିତି ସଭାପତି ଧ୍ରୁବରାଜ ସାହୁଙ୍କ ଅଧକ୍ଷତାରେ ମହୁଲପାଲି ବାବା ମାଣିକେଶ୍ୱର ମନ୍ଦିର ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତିର ସମ୍ପାଦକ ଝସକେତନ ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଚାଷୀମାନେ କିପରି ଯନ୍ତ୍ରପାତି ବିନା ସୁଧରେ ଋଣ, ସାର ଆଦି ଠିକ୍ ସମୟରେ ପାଇପାରିବେ ସେ ନେଇ ଆଲୋଚନା ହୋଇଥିଲା। ସଭାରେ କଟାପାଲି ପ୍ୟାକ୍ସର ସମସ୍ତ ସଭ୍ୟ, ଆଗଲପୁର ପ୍ୟାକ୍ସ ସଭାପତି ବିରୋସନ ସାହୁ, ବରପାଲି ପ୍ୟାକ୍ସ ସଭାପତି ଗୁରୁ ମେହେର, ଦୟାନନ୍ଦ ଗଡ଼ତିଆ, ନିର୍ମଳ ପାତ୍ର, କୁମ୍ଭାରୀ ପ୍ୟାକ୍ସ ସଭାପତି ପ୍ରଫୁଲ୍ଲ ପଧାନ, ମହୁଲପାଲି ସରପଞ୍ଚ ରବୀନ୍ଦ୍ର ଭୋଇ, କଟାପାଲି ସରପଞ୍ଚ ଗଙ୍ଗାଧର ଦାସ, ସମିତି ସଭ୍ୟ ଅରୁଣ ସାହୁ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ଉନ୍ନତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବୋର୍ଡ ସଭ୍ୟ ବିକ୍ରମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଗନେବେ ବୀରମହାରାଜପୁରର ୩ ଖେଳାଳି



ଟାଏକୋଣ୍ଡୋ ସଂଘ ସଦସ୍ୟଙ୍କ ସହିତ ରାଜସ୍ଥାନର କୋଟାରେ ଅଂଶ ଗ୍ରହଣ କରିବାକୁ ଥିବା ଖେଳାଳି।

## ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ଅମରପାଲି,୧୫। ୩(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଏହେସାସ ଟାଏକୋଣ୍ଡୋ ଏକାଡେମୀର ଖେଳାଳିଙ୍କୁ ପୁଣି ମିଳିଲା ସଫଳତା। ଏହି ଏକାଡେମୀର ୩ଜଣ ଖେଳାଳି ଏବେ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ଦୁଇଦିନ ତଳେ ପୁରୀଠାରେ ରାଜ୍ୟସ୍ତରୀୟ ଅଫିସିଆଲ ପ୍ରତିଯୋଗିତାରେ ଏହେସାସ ଟାଏକୋଣ୍ଡୋ ଏକାଡେମୀର ୧୭ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। କୋଚ ଅନେୱଶ ହୋତା, ମହେନ୍ଦ୍ର ରଣା ଏବଂ ମନିଶ ମହାନ୍ତୀ ଏବଂ ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ଯାଇଥିବା ଏହି ଖେଳାଳିଙ୍କ ମଧ୍ୟରୁ ନିହାରିକା ବିଶି, ସ୍ନେହାଂଶି ନାଏକ ଏବଂ ଶକ୍ତି ଅମାତଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଅଙ୍କିତ ମହାକୁରଙ୍କୁ ରୌପ୍ୟ ଏବଂ ବାଦଲ ସଖୁଆ, ଆନନ୍ଦ ଭେଙ୍ଗରା,କୁମାର ଷଡଙ୍ଗୀ ଏବଂ ରାଜଲକ୍ଷ୍ମୀ ସାହୁଙ୍କୁ କାଂସ୍ୟ ପଦକ ମିଳିଛି । ସେହିଭଳି ଏହି ଏକାଡେମୀର ସିନୟର ଖେଳାଳି ହର୍ଷିତା ନାୟକ ଏବଂ ପ୍ରୀୟଦର୍ଶନୀ କରଙ୍କୁ ଅଫିସିଆଲ ଭାବେ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଆସନ୍ତା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର କୋଟାଠାରେ ହେବାକୁ ଥିବା ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ନିହାରିକା ବିଶି, ସ୍ନେହାଂଶି ନାଏକ ଏବଂ ଶକ୍ତି ଅମାତ ଭାଗନେବା ପାଇଁ ମନୋନୀତ ହୋଇଥିବା ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘ ସମ୍ପାଦକ ଏହେସାସ ହୋତା ସୂଚନା ଦେଇଛନ୍ତି । ଏହି ଖେଳାଳିମାନଙ୍କ ସଫଳତା ପାଇଁ ରାଜ୍ୟ ସଂଘ ସମ୍ପାଦକ ମନମୋହନ ଭଞ୍ଜ ଏବଂ ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା ଶୁଭେଚ୍ଛା ଜଣାଇଛନ୍ତି ।

# ରାଜକୁମାର ସାହୁଙ୍କୁ ଦ୍ୱିତୀୟ ଶ୍ରେଷ୍ଠ ନାଟ୍ୟକାର ପୁରସ୍କାର

ପଦ୍ମପୁର,୧୫।୩(ଡି.ଏନ.ଏ.)

ରାଉରକେଲା କଲଚରାଲ ଏକାଡେମୀ ପକ୍ଷରୁ ଆୟୋଜିତ ଲୋକନାଟକ ମହୋତ୍ସବରେ ବରଗଡ଼ ଜିଲା ପଦ୍ମପୁର ଢୋଲବନ୍ଧ ଗ୍ରାମର ସଚେତନ ହେମା ନାଟ୍ୟାନୁଷ୍ଠାନକୁ ସଫଳତା ମିଳିଛି। ଗତ ୬ ତାରିଖରେ ସଚେତନ ହେମା ନାଟ୍ୟାନୁଷ୍ଠାନର ନାଟକ 'ଜାଏତ ଭିନ ଭିନ ମୁନୁଷ ଏକ' ମଞ୍ଚସ୍ଥ ହୋଇଥିଲା। ଚୂଡାନ୍ତ ମୂଲ୍ୟାୟନ ପରେ ପ୍ରତ୍ୟେକ ବିଭାଗରେ ଅନୁଷ୍ଠାନକୁ ପୁରସ୍କାର ମିଳିଥିଲା। ରାଜକୁମାର ସାହୁଙ୍କୁ ଦ୍ୱିତୀୟ ଶ୍ରେଷ୍ଠ ନାଟ୍ୟକାର, ତୃତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଅଭିନେତା ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ତୃତୀୟ ଶ୍ରେଷ୍ଠ ଅଭିନେତ୍ରୀ ସନ୍ଧ୍ୟା ସୁନା, ତୃତୀୟ ଶ୍ରେଷ୍ଠ ମଞ୍ଚ ଶିଳ୍ପୀ କୁଳମଣି ପଶାୟତ ଓ ଶୁଶିଲ ସାହୁ ଏବଂ ତୃତୀୟ ଶ୍ରେଷ୍ଠ ପ୍ରୟୋଜନା ନାଟକ 'ଜାଏତ ଭିନ ଭିନ ମୁନୁଷ ଏକ'କୁ ମିଳିଥିଲା। ଲାଲସାହେବ ସାହୁ ଓ ଡୋଲାମଣି ସାହୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଗଜାନନ ବାଗ କଣ୍ଠ ସଙ୍ଗୀତ ଦାନ କରିଥିଲେ।



ରାଜକୁମାର ସାହୁ।

ବାବୁଲୁ ସାହୁ, ପ୍ରତିମା ସେଠ, ଘନଶ୍ୟାମ ସାହୁ, ଘନଶ୍ୟାମ ଭୋଇ, ହେମନ୍ତ ମହାକୁର, ରସିକ ବରିହା, ପଦ୍ମିନୀ ନନ୍ଦ, ହେମକାନ୍ତ ସେଠ ପ୍ରମୁଖ ସହ କଳାକାର ଥିଲେ। ଭୁଖା ନାଟକରେ ଦଳିତଙ୍କୁ ଭୁଖା ବୋଲି ଦର୍ଶାଯାଇଥିବା ବେଳେ ନାଟକର ଦୃଷ୍ଟିଭଙ୍ଗୀ ଓ ବିଷୟବସ୍ତୁ କିନ୍ତୁ ଓଲଟା। ସମାଜର ସମାନତାର ସ୍ୱର ବୁଣିବାକୁ ନାଟକ ରଚନା କରୁଥିବା କଥା ନାଟ୍ୟକାର କହୁଥିବା ବେଳେ ପଶ୍ଚିମ ଓଡିଶାର ଲୋକକଥା ଓ ଗାଥାର କଥା କହେ ଏହି ନାଟକ। ତେବେ ଆହୁରି ଅନେକ ସ୍ଥାନରେ ଏହି ନାଟକକୁ ମଞ୍ଚସ୍ଥ କରାଯିବ ବୋଲି ନାଟ୍ୟକାର ରାଜକୁମାର ସାହୁ କହିଛନ୍ତି।

## ପୌରାଧ୍ୟକ୍ଷଙ୍କ ବିରୋଧରେ ମାମଲା

### ପାଲଟା ଅଭିଯୋଗ ଆଣିଲେ

ବରଗଡ଼ ଅଫିସ୍,୧୫।୩

ଗତ ୧୩ତାରିଖରେ ବରଗଡ଼ ଜିଲା ବରପାଲି ପୌର କାର୍ଯ୍ୟାଳୟକୁ ଯାଇଥିବାବେଳେ ପୌରାଧ୍ୟକ୍ଷ ଦିନେଶ ଗହୀର ସ୍ଥାନୀୟ ଅଞ୍ଚଳର କିରଣ ପଟ୍ଟନାୟକ ଏବଂ ତାଙ୍କ ସାଥୀରେ ଯାଇଥିବା ବରିଷ୍ଠ ନାଗରିକଙ୍କୁ ଧକ୍କା ମାରି କାର୍ଯ୍ୟାଳୟରୁ ବାହାର କରିବା ସହିତ ତାଙ୍କଠାରୁ ମୋବାଇଲ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ସେମାନେ ମଶା ଉପଦ୍ରବ, ଶୌଚାଳୟ, ପରିସ୍ରାଗାର ସମସ୍ୟା ନେଇ ଯାଇଥିବାବେଳେ ପୌରାଧ୍ୟକ୍ଷ ଗହୀର ତାଙ୍କ ପ୍ରତି ସେଭଳି ଆଚରଣ ପ୍ରଦର୍ଶନ କରିଥିବା କିରଣ ଅଭିଯୋଗ କରିଛନ୍ତି। କିରଣ ଗତ ୧୪ତାରିଖରେ ଏ ନେଇ ବରପାଲି ଥାନାରେ ଏତଲା ଦେବା ପରେ ପୋଲିସ ପୌରାଧ୍ୟକ୍ଷଙ୍କ ବିରୋଧରେ ଦଫା ୩୪୧, ୩୨୩, ୨୯୪, ୫୦୬, ୩୪ ଆଇପିସିରେ ଏକ ମାମଲା (ନଂ.୯୭/୨୩) ରୁଜୁ କରିଛି । ଅନ୍ୟପଟେ ପୌରାଧ୍ୟକ୍ଷ ଗହୀର କିରଣଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ସେ କାର୍ଯ୍ୟାଳୟରେ ଥିବାବେଳେ ବିନା ଅନୁମତିରେ କିରଣ ଅନ୍ୟ ୫ଜଣଙ୍କ ସହିତ କାର୍ଯ୍ୟାଳୟ ଭିତରକୁ ପଶିଥିଲେ ଏବଂ ସାମ୍ବାଦିକ ପରିଚୟ ଦେଇ ତାଙ୍କୁ ଧମକଚମକ ଦେଇଥିବା ଅଭିଯୋଗ କରି ଗହୀର ଥାନାରେ ଏତଲା ଦେଇଛନ୍ତି। ପୋଲିସ ପୌରାଧ୍ୟକ୍ଷ ଗହୀରଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା (ନଂ.୯୮/୨୩) ରୁଜୁ କରିଛି।

### ଜଙ୍ଗଲରୁ ମହିଳାଙ୍କ ଗଳିତ ମୃତଦେହ ଜବତ

ବୌଦ୍ଧ, ୧୫।୩ (ସ୍ୱ.ପ୍ର)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଆଡେଣିଗଡ ଫାଣ୍ଡି ଅଧିନସ୍ଥ ମାଧପୁର ନିକଟସ୍ଥ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ (୫୭ନଂ) ପାର୍ଶ୍ୱରେ ଥିବା ଯୋଗିପଥର ଘାଟି ନିକଟସ୍ଥ ଜଙ୍ଗଲରେ ଜଣେ ଅଚିହ୍ନା ମହିଳାଙ୍କ ଗଳିତ ମୃତଦେହ ବୁଧବାର ପଡିଥିବା ଦେଖିବାକୁ ମିଳିଛି । ମହିଳାଙ୍କ ପରିଚୟ ମିଳିନାହିଁ। ଖବରପାଇ ଘଟଣା ସ୍ଥଳରେ ପୁରୁଣାକଟକ ଥାନା ଅଧିକାରୀ ଜ୍ୟୋସ୍ନା କାଉଁରୀ ଓ ଆଡେଣୀଗଡ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରିବା ସହ ମହିଳା ଜଣକ କେଉଁ ଅଞ୍ଚଳର ବୋଲି ଖୋଳତାଡ କରିଛି ।

# ଜିଲାସ୍ତରୀୟ ଆଇନ ସଚେତନତା ଶିବିର



ଆଇନ ସଚେତନତା ଶିବିରରେ ଅତିଥିମାନେ।

ସୋନପୁର,୧୫।୩(ନି. ପ୍ର )

ସୁବର୍ଣ୍ଣପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଆଇନ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ହିମାଂଶୁ ଶେଖର ବ୍ରହ୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ଥାୟୀ ଲୋକ ଅଦାଲତ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି ଶିବିରରେ ଯୋଗଦେଇ ଆଇନ ସେବା ପ୍ରାଧିକରଣର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ସରକାରୀ ଓକିଲ ବ୍ୟୋମକେଶ ଦାଶ, କହ୍ନେଇଲାଲ ପଧାନ ଏବଂ ସଦସ୍ୟ ଇନ୍ଦ୍ରମଣି ଦାସ, ପ୍ୟାନେଲ ଓକିଲ ଚମ୍ପେଶ୍ୱର ଥାନାପତି, ଶ୍ରୀକାନ୍ତ ଦାସ, ବ୍ରଜେନ୍ଦ୍ର କୁମାର ବିଶି, ଅଜିତ କୁମାର ବାରିକ, ବାବୁଲାଲ ଦାସ, ପ୍ରଫୁଲ୍ଲ କୁମାର ସାହୁ, ଗୀତାଞ୍ଜଳି ରଣା, ଜ୍ୟୋତିଶ୍ରୀ ବେହୁରିଆ ଓ ଜୟନ୍ତୀ କବାଟ ଶିବିରରେ ଉପସ୍ଥିତ ଥିଲେ । ଜିଲ୍ଲା ଆଇନସେବା ପ୍ରାଧିକରଣର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, କାହ୍ନୁ ଚରଣ ରଥ ଏବଂ ରଞ୍ଜନ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



କଳସ ଶୋଭାଯାତ୍ରାରେ ଗ୍ରାମବାସୀ ଯାଉଛନ୍ତି।

ବିନିକା ୧୫ । ୩ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅନ୍ତର୍ଗତ ନୂଆଁପାଲି ଗ୍ରାମରେ ଅଷ୍ଟପ୍ରହରି ନାମଯଜ୍ଞ ପାଇଁ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ମହାନଦୀ ଚଣ୍ଡିପଡା ଘାଟରୁ ପୂର୍ଣ୍ଣ ଜଳ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତାଭାବେ ରଞ୍ଜିତ ନାଏକ ଏବଂ ତାଙ୍କସ୍ତ୍ରୀ ଆରତୀ ନାଏକ ଦାୟିତ୍ୱ ତୁଲାଇଥିଲେ। ଗୁରୁବାର ସକାଳ ୮ ଟାରୁ ନାମଯଜ୍ଞ ଆରମ୍ଭ ହେବ। ଶୁକ୍ରବାର ପୂର୍ଣ୍ଣାହୁତି ପଡିବ। ଗ୍ରାମ୍ୟ କମିଟି ସଭାପତି ଅଜିତ ଦାଶ, ସମ୍ପାଦକ ଶିବନାରାୟଣ ନାୟକ ଓ ଯୁବକ ସଂଘ କର୍ମକର୍ତ୍ତା ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚଳାନାରେ ସହଯୋଗ କରୁଛନ୍ତି।

# ନାସିକ, ଶିରିଡି ଗଲେ ୬୫ବରିଷ୍ଠ ତୀର୍ଥଯାତ୍ରୀ

ସୋନପୁର,୧୫।୩(ନି.ପ୍ର )

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ବୁଧବାର ସୁବର୍ଣ୍ଣପୁର ଜିଲାର ୬୫ ଜଣ ବରିଷ୍ଠ ନାଗରିକ ନାସିକ ଓ ଶିରିଡି ଅଭିମୁଖେ ଯାତ୍ରା କରିଛନ୍ତି । ତୀର୍ଥ ଯାତ୍ରୀଙ୍କୁ ନେଇ ବାହାରିଥିବା ବସକୁ ଜିଲାପାଳ ଅବୋଲି ସୁନୀଲ ନରୱଣେ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶଙ୍କ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କ ସଫଳ ତୀର୍ଥ ଭ୍ରମଣ ନିମନ୍ତେ ଶୁଭ କାମନା କରିଥିଲେ।




ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ବସକୁ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ସହଦେ ମେହେର ଓ ବିଶ୍ୱ ପ୍ରତାପ ସେଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାରୁ ବରିଷ୍ଠ ତୀର୍ଥ ଯାତ୍ରୀଙ୍କୁ ନେଇ ବାହାରିଥିବା ଏହି ବସ ସନ୍ଧ୍ୟାରେ ସମ୍ବଲପୁରରେ ପହଞ୍ଚିବ। ଗୁରୁବାର ସକାଳେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଏକ ସ୍ୱତନ୍ତ୍ର ଟ୍ରେନରେ ଅନ୍ୟ ୯ଟି ଜିଲାର ଯାତ୍ରୀଙ୍କ ସହ ମହାରାଷ୍ଟ୍ରର ନାସିକ ଓ ସିରିଡି ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି ।

# ସ୍ଥାୟୀ ନିଯୁକ୍ତି ଦାବି, ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ବିକ୍ଷୋଭ

ସୋନପୁର,୧୫।୩(ନି.ପ୍ର.)

ରାଜ୍ୟ ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ଜିଲା ସଭାପତି ନରହରୀ ମହାପାତ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ ଜିଲାପାଳଙ୍କ ମୁଖ୍ୟ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାରେ କାର୍ଯ୍ୟରତ ସମସ୍ତ ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, କର୍ମଚାରୀମାନଙ୍କୁ ନିୟମିତ ଭାବେ ମାସିକ ଦରମା ପ୍ରଦାନ କରିବା , ଆଉଟ୍‌ସୋର୍ସିଂ କର୍ମଚାରୀଭାବେ ପୂର୍ବରୁ କାର୍ଯ୍ୟରତ ବା ଛଟେଇ କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ପାଇଁ ସଂଘ ପକ୍ଷରୁ ଦାବି



ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ହୋଇଛି। ଜଣେ ଜଣେ ଆଉଟ୍‌ସୋର୍ସିଂ କର୍ମଚାରୀ ଦୀର୍ଘ ଗୋଟିଏ ଦଶନ୍ଧିରୁ ଅଧିକ ହେବ ଜିଲାରେ କାର୍ଯ୍ୟ କରି ଆସୁଥିବା ବେଳେ ସେମାନଙ୍କ ଦାବି ପ୍ରତି ଅଣଦେଖା କରାଯାଉଛି। ତେଣୁ ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ସ୍ମାରକପତ୍ର ଗ୍ରହଣ କରିଥିଲେ ।

## ସଂକ୍ଷେପରେ

### ପୁଅ ଠେଙ୍ଗା ମାଡ଼ରେ ବାପା ମୃତ

ରେଙ୍ଗାଲି,୧୫।୩(ଡି.ଏନ.ଏ.): ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ବୁଢିଆପାଲି ଗ୍ରାମରେ ପୁଅ ଠେଙ୍ଗା ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏତୁଆ ମୁଣ୍ଡା (୬୫)। ସୂଚନା ଅନୁଯାୟୀ ଏତୁଆଙ୍କ ବଡ଼ପୁଅ ପର୍ଶୁ ମୁଣ୍ଡା ପରିବାର ସହ ନିକଟସ୍ଥ ଥେମେରା ଗ୍ରାମରେ ରହନ୍ତି। ମଙ୍ଗଳବାର ସେ ଚାଉଳ ନେବା ପାଇଁ ବୁଢିଆପାଲି ଆସିଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ସେ ବାପା ଏତୁଆଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ଉତ୍କ୍ଷିପ୍ତ ହୋଇ ଏକ ଶାଳ ବାଡ଼ିରେ ଏତୁଆଙ୍କ ମୁଣ୍ଡକୁ ଜୋରରେ ଆଘାତ କରିଥିଲେ। ଗୁରୁତର ଅବସ୍ଥାରେ ଏତୁଆଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ସାନ ବୋହୂ ଭାଗ୍ୟବତୀ ମୁଣ୍ଡାଙ୍କ ରିପୋର୍ଟ ଆଧାରରେ ପୋଲିସ ହତ୍ୟା ମାମଲା ରୁଜୁ କରିଥିଲା। ତଦନ୍ତ ପରେ ପୋଲିସ ଅଭିଯୁକ୍ତ ପର୍ଶୁଙ୍କୁ ଗିରଫ କରିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ୯୪୬ ଟ୍ରାନ୍ସଫର୍ମରରେ ସୁରକ୍ଷା ବାଡ

ସମ୍ବଲପୁର,୧୫।୩(ବ୍ୟୁରୋ): ସମ୍ବଲପୁର ବୁର୍ଲା ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ୯୪୬ ମୁକୁଳା ଟ୍ରାନ୍ସଫର୍ମରରେ ସୁରକ୍ଷା ବାଡ଼ ଦିଆଯାଇଛି। ବିଗତ ଦୁଇ ଆର୍ଥିକ ବର୍ଷରେ ଏହି କାର୍ଯ୍ୟ ଶେଷ ହୋଇଛି। ଅନ୍ୟ ୨୦୫୪ ମୁକୁଳା ଟ୍ରାନ୍ସଫର୍ମର ପାଇଁ କାମ ଶୀଘ୍ର କରାଯିବ ବୋଲି ସୂଚନା ଦିଆଯାଇଛି। ପ୍ରାୟ ୭୦ ହଜାର ଟ୍ରାନ୍ସଫର୍ମର ମାଧ୍ୟମରେ ୨୨ ଲକ୍ଷ ୭୦ ହଜାର ବିଦ୍ୟୁତ୍ ଗ୍ରାହକଙ୍କୁ ସେବା ଯୋଗାଇ ଦିଆଯାଉଛି। ୨୦୨୧-୨୨ ସୁରକ୍ଷା ସର୍ବେକ୍ଷଣ ଅନୁଯାୟୀ ବିପଦସଙ୍କୁଳ ଅବସ୍ଥାରେ ପ୍ରାୟ ୩ ହଜାର ଟ୍ରାନ୍ସଫର୍ମର ରହିଥିବା ଜଣାପଡିଥିଲା। କର୍ତ୍ତୃପକ୍ଷ ସୁରକ୍ଷାକୁ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲା। ଏହି ସୁରକ୍ଷା ବାଡ଼ରେ ପ୍ରାୟ ୪.୯୦ ଲକ୍ଷ ବ୍ୟୟ କରି ୨ ଲକ୍ଷ ୪୬ ହଜାର ୫୬୦ ବର୍ଗଫୁଟ କଂକ୍ରିଟ କାନ୍ଥ କରାଯାଇଛି। ଏଥିରେ ୪୩୩ ଗୋଟି ଟ୍ରାନ୍ସଫର୍ମରକୁ ସୁରକ୍ଷା ଦିଆଯାଇଛି। ସେହିପରି ୨୦୨୨-୨୩ରେ ୫ କୋଟି ୭୭ ଲକ୍ଷ ବ୍ୟୟ କରି ୩ ଲକ୍ଷ ୧୧ ହଜାର ୭୭୪ ବର୍ଗଫୁଟ କଂକ୍ରିଟ କାନ୍ଥ ନିର୍ମାଣ କରାଯାଇଛି। ଏଥିରେ ୫୦୩ ଟ୍ରାନ୍ସଫର୍ମର ସୁରକ୍ଷା ଦିଆଯାଇଛି ବୋଲି ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ ସମ୍ବଲପୁର ଜିଲାର ୨୬୫, ସୁନ୍ଦରଗଡ ଜିଲାର ୨୦୮, କଳାହାଣ୍ଡି ଜିଲାର ୧୯୬, ବରଗଡ ଜିଲାର ୧୦୯, ବଲାଙ୍ଗୀର ଜିଲାର ୧୭୮ ଗୋଟି ଟ୍ରାନ୍ସଫର୍ମର ରହିଛି।

# ୪ଦିନ ହେଲା ଜଳଯୋଗାଣ ବନ୍ଦ

- ଡ୍ରେନ୍ କାମ ସମୟରେ ଫାଟିଲା ପାଇପ୍
- ୮ ଗ୍ରାମର ୩ ହଜାର ଲୋକ ପ୍ରଭାବିତ

ସମ୍ବଲପୁର,୧୫।୩(ବ୍ୟୁରୋ)

ରାସ୍ତା କଡରେ ଡ୍ରେନ୍ କାମ ସମୟରେ ଜଳଯୋଗାଣ ମୁଖ୍ୟ ପାଇପ୍ ଫାଟିଯାଇଥିବାରୁ ୪ଦିନ ହେଲା ଅଞ୍ଚଳକୁ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଛୋଟବଡ ୮ ଗ୍ରାମର ପ୍ରାୟ ୩ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ସମ୍ବଲପୁର ମହାନଗର ନିଗମ ୪୦ ନମ୍ବର ୱାର୍ଡରେ ଏଭଳି ଘଟଣା ଦେଖିବାକୁ ମିଳିଛି। ୫୫ନଂ. ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ଓ ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ସାଧାରଣ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ରାସ୍ତା କାମ ଆରମ୍ଭରୁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଜମି ଅଧିଗ୍ରହଣ କରାଯାଇଥିଲା। ପରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ଯୋଗାଣ ପାଇଁ ପ୍ରକଳ୍ପ କାମ ହୋଇଥିଲା। ଅଧିକୃତ ଜମିରେ ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ପାଇପ ଓ ସର୍ଭିସ ପାଇପ ବିଛାଇଛି। ଏବେ ରାସ୍ତା କାମ ସମୟରେ ଠିକା ସଂସ୍ଥା ଜେସିବି ସାହାଯ୍ୟରେ ମନଇଚ୍ଛା ଖୋଳିଚାଲିଛି। ପାଇପ୍ ବିଛା ହୋଇଥିବା


ମାନେଶ୍ୱର ଛକରେ ଜଳଯୋଗାଣ ପାଇପ୍ ଦୁଇଖଣ୍ଡ ହୋଇଯାଇଛି ।

ଜାଣିବା ପରେ ମଧ୍ୟ ଡ୍ରେନ୍ ପାଇଁ ମାଟି ଖୋଳିଦେଲେ। ତେଣୁ ପାଇପ୍ ଛିଣ୍ଡି ଦୁଇଖଣ୍ଡ ହୋଇଯାଇଛି। ଫଳରେ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଅଭିଯୋଗ କରିବା ପରେ ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ପାଇପ୍ ମରାମତି କରିବା ପାଇଁ ଆବଶ୍ୟକ ସାମଗ୍ରୀ ନ ଥିବା କହି ଫେରିଆସିଥିଲେ। ୩ଦିନ ହେଲା ସାମଗ୍ରୀ ନ ଆସିବାରୁ ମରାମତି କରାଯାଇ ପାରି ନ ଥିଲା। ନିକଟରେ ଅନୁଷ୍ଠିତ ବୈଠକରେ ଗ୍ରୀଷ୍ମଋତୁର ମୁକାବିଲା ପାଇଁ ଜିଲା ପ୍ରଶାସନ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲା। ଏପରି କି ଆବଶ୍ୟକ ସାମଗ୍ରୀ ରଖିବାକୁ କୁହାଯାଇଥିଲା। ହେଲେ ଜନସ୍ୱାସ୍ଥ୍ୟ ବିଭାଗ ପାଖରେ ସାମାନ୍ୟ ପାଇପ୍ ଯୋଡିବା ସାମଗ୍ରୀ ନ ଥିବାରୁ ମରାମତି ହୋଇପାରିନାହିଁ। ଆଗକୁ ବିଭାଗ କିଭଳି ମୁକାବିଲା କରିବ ସେ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ସ୍ଥାନୀୟ ଲୋକେ ପାଇପ ନଷ୍ଟ କରିଥିବା ଠିକା କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମଙ୍ଗଳ ସିଂ କହିଛନ୍ତି, ପାଇପ୍ ମରାମତି କରିବାକୁ କର୍ମଚାରୀ ଯାଇଥିଲେ, ହେଲେ ହୋଇପାରି ନାହିଁ। ଆଜି ସନ୍ଧ୍ୟା ସୁଦ୍ଧା ଯେଭଳି ଭାବେ ମରାମତି କରାଯାଇ ଲୋକଙ୍କୁ ପାଣି ଦିଆଯିବ ବୋଲି ସେ କହିଥିଲେ। ଅନ୍ୟପଟେ ଠିକା ସଂସ୍ଥା ପ୍ରକଳ୍ପ ମ୍ୟାନେଜର ଗୌରବ ଦାସ କହିଛନ୍ତି, କାମ କରୁଥିବା ସମୟରେ ପାଇପ୍ ଫାଟି ଯାଇଥିଲା। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମରାମତି କାମ କରାଯିବ। ମରାମତି ବାବଦକୁ କମ୍ପାନୀ ପକ୍ଷରୁ କ୍ଷତିପୂରଣ ଦିଆଯିବ ବୋଲି ସେ କହିଥିଲେ।

## ନିଲମ୍ବିତ ସହସମ୍ପାଦକଙ୍କ ପୁନଃନିଯୁକ୍ତି ନେଇ ଆଲୋଚନା

### ସେବା ସମବାୟ ସମିତି ବୈଠକ

କୋଲାବିରା,୧୫।୩(ଡି.ଏନ.ଏ.)

କୋଲାବିରା ପ୍ରାଥମିକ ସେବା ସମବାୟ ସମିତିର ଚଳିତ ବର୍ଷର ତୃତୀୟ ବୋର୍ଡ ବୈଠକ ସ୍ଥାନୀୟ ଏକ ହୋଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କୀର୍ତ୍ତିଚନ୍ଦ୍ର ବହିଦାରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପରିଷଦର ଉପସଭାପତି ଦୀନବନ୍ଧୁ ଛତ୍ରିଆ, ନିର୍ଦ୍ଦେଶକ ହୃଦାନନ୍ଦ ପଟେଲ, ଭିଖାରୀ ଚରଣ ନାୟକ, ଅକ୍ଷୟ କୁମାର ନାୟକ, ଗୋପାଳ ଚନ୍ଦ୍ର ନାୟକ, କମଳ ଧୁରୁଆ, ଗୌତମ କୁମୁରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚାନ କରିଥିଲେ। ସମ୍ପାଦକ ଦେବରାଜ କୁମରା ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ସମବାୟ ସମିତି ସହସମ୍ପାଦକ ଥିବା କୁନୁ ଅମାତଙ୍କୁ ବିଭାଗ ପକ୍ଷରୁ ୨୦୨୦ଠାରୁ ନିଲମ୍ବିତ କରାଯାଇଥିବା ବେଳେ ତାଙ୍କୁ ସର୍ତ୍ତମୂଳକ ଭାବରେ ଆଉଥରେ ସୁଯୋଗ ଦିଆଯିବାକୁ ସହମତି ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀଙ୍କୁ ଏସଂକ୍ରାନ୍ତରେ ଜଣାଇ ଦିଆଯିବା ନେଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଅନ୍ୟାନ୍ୟ ବିଷୟ ମଧ୍ୟରେ ବକେୟା ପଡିଥିବା ଋଣ ସଂଗ୍ରହ, ଅଂଶଧନ ଜମା, ଚଳିତ ବର୍ଷରୁ ସୁଧହାରରେ ପରିବର୍ତ୍ତନ, କର୍ମଚାରୀ ସ୍ଥିତି ଆଦି ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିବାରେ କୋଷାଧକ୍ଷ୍ୟ ସୁବ୍ରତ ପଟେଲ, ଦିଲୀପ ପ୍ରଧାନ, ଭୋଜରାଜ ମହାନନ୍ଦିଆ, ଶିବ କୁମରା ପ୍ରମୁଖ ସହଯୋଗ କରିଥିଲେ।


ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

## ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ



ନାକଟିଦେଉଳଠାରେ ଆନ୍ଦୋଳନରେ ସାମିଲ ହୋଇଥିବା ଡ୍ରାଇଭରମାନେ।

ନାକଟିଦେଉଳ/ କୁଚିଣ୍ଡା/ ଜମନକିରା ୧୫।୩(ଡି.ଏନ.ଏ.)

ଓଡ଼ିଶା ଡ୍ରାଇଭର ମହାସଂଘ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଶାଖା ପକ୍ଷରୁ ବୁଧବାର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଛି। ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭରଙ୍କ ପାଇଁ ୨୦ଲକ୍ଷ ଟଙ୍କା ବୀମା ରାଶି, ଦୁର୍ଘଟଣାରେ ଅକର୍ମଣ୍ୟ ଡ୍ରାଇଭରଙ୍କୁ ୧୦ଲକ୍ଷ ଟଙ୍କା ବୀମା ରାଶି ସହିତ ଚିକିତ୍ସା ପାଇଁ ୫ଲକ୍ଷ ଟଙ୍କା ବୀମା ଯୋଗାଣ, ୫୫ବର୍ଷ ପରେ ପେନ୍ସନ୍ ପ୍ରଦାନ ଆଦି ୧୦ଦଫା ଦାବି ନେଇ ଡ୍ରାଇଭରମାନେ ନାକଟିଦେଉଳ ମନ୍ଦିର ଛକ ଓ ଗୋଧିୱିପ ଛକଠାରେ ଆନ୍ଦୋଳନ କରିଥିଲେ। ଫଳରେ ନାକଟିଦେଉଳ ଅଞ୍ଚଳରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର କାର୍ଯ୍ୟକର୍ତ୍ତା ଚେତାବନୀ ଦେଇଛନ୍ତି। ନାକଟିଦେଉଳ ବ୍ଲକ ଶାଖା ସଭାପତି ରଞ୍ଜିତ କୁମାର ସାହୁ, ଉପସଭାପତି ପୀତବାସ ସାହୁ, ସମ୍ପାଦକ ଗୌରଚନ୍ଦ୍ର ସ୍ୱାଇଁ, ସହସମ୍ପାଦକ ବୀରଜନ ପାତ୍ର, କୋଷାଧକ୍ଷ ପ୍ରାଣବନ୍ଧୁ ସେଠଙ୍କ ନେତୃତ୍ୱରେ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି।

୧୦ଦଫା ଦାବି ନେଇ ଓଡିଶା ଡ୍ରାଇଭର ମହାସଂଘ କୁଚିଣ୍ଡା ବ୍ଲକ ଶାଖା ପକ୍ଷରୁ ବୁଧବାର ଷ୍ଟିୟରିଂ ଛାଡ ଆନ୍ଦୋଳନ କରାଯାଇଛି। କୁଚିଣ୍ଡା ୪୯ନଂ. ଜାତୀୟ ରାଜପଥ ବାଇପାସ୍ ରୋଡ ପେଟ୍ରୋଲ ପମ୍ପ ଛକରେ ଡ୍ରାଇଭରମାନେ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ ଜଣାଇଛନ୍ତି। କୁଚିଣ୍ଡା ସଂଘ ସଭାପତି ସଞ୍ଜିବ କୁମାର ଦାସ, ସମ୍ପାଦକ ସୁଜିତ ଭଇଁଷା, ଉପସଭାପତି ଜୟକୃଷ୍ଣ ପାତ୍ରଙ୍କ ନେତୃତ୍ୱରେ ସକାଳ ୬ଟାରୁ ଡ୍ରାଇଭରମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଫଳରେ ବସ୍, ଟ୍ରକ ଓ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିଥିଲା। ଆନ୍ଦୋଳନ ଯୋଗୁଁ କଲେଜ ପରୀକ୍ଷାର୍ଥୀ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣାରେ ପ୍ରାଣ ହରାଇଲେ୨୦ ଲକ୍ଷ, ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଓ ଆହତଙ୍କ ଚିକିତ୍ସା ପାଇଁ ୫ଲକ୍ଷ , ୫୫ ବର୍ଷ ବୟସରେ ଭତ୍ତା ପ୍ରଦାନ ଆଦି ଦାବି ଅନ୍ତର୍ଭୁକ୍ତ। ଘଟଣାସ୍ଥଳରେ କୁଚିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାୟକ ଓ ଏସ୍‌ଡିପିଓ ରାଜକିଶୋର ମିଶ୍ର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଡ୍ରାଇଭରମାନେ ନିଜ ଜିଦରେ ଅଟଳ ରହିଛନ୍ତି।

ଜମନକିରା ବ୍ଲକ ସଦର ମହକୁମାସ୍ଥିତ ୫୩ନଂ. ରାଜପଥରେ ବୁଧବାର ଡ୍ରାଇଭର ମହାସଂଘ ଜମନକିରା ଶାଖା ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ବିଭିନ୍ନ ଦାବି ନେଇ ରାଜ୍ୟ ସଂଘ ଆହ୍ୱାନ କ୍ରମେ ଶାଖା କର୍ମକର୍ତ୍ତା ସକାଳ ୬ଟାରୁ ଧାରଣାରେ ବସିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିଛି।

## ଶିକ୍ଷକ ନିଯୁକ୍ତି ନ ହେଲେ ତାଲା ଝୁଲିବ

ସମ୍ବଲପୁର,୧୫।୩(ବ୍ୟୁରୋ)

ଝୁଝୁମୁରା ବ୍ଲକ ଭାଡିମୁରା ସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି ନେଇ ବୁଧବାର ଅଭିଭାବକମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦୁଇଦିନ ଭିତରେ ଅତି କମରେ ୨ଜଣ ଶିକ୍ଷକ ପଦବୀ ପୂରଣ ନ କଲେ ୧୮ ତାରିଖରେ ସ୍କୁଲରେ ତାଲା ଝୁଲିବ ବୋଲି ଦର୍ଶାଇଛନ୍ତି। ଛାତ୍ରୀଛାତ୍ର, ଅଭିଭାବକ ଓ ଅଞ୍ଚଳବାସୀ ମିଳିତ ଭାବେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା କହିବା ଅନୁସାରେ ପ୍ରାୟ ୮ମାସ ତଳେ ସ୍କୁଲର ଜଣେ ଶିକ୍ଷକଙ୍କ ବଦଳି ହୋଇଥିବା ବେଳେ ଅନ୍ୟ ଜଣଙ୍କୁ ଡେପୁଟେଶନରେ ପଠାଇ ଦିଆଯାଇଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୦୭ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଲିପିଣ୍ଡା ଓ ଗଡଲୁଇସିଂ ପଞ୍ଚାୟତର ପିଲାମାନେ ଏହି ସ୍କୁଲ ଉପରେ ନିର୍ଭର କରୁଛନ୍ତି। ଛାତ୍ରୀଛାତ୍ରଙ୍କ ଅନୁପାତରେ ଶିକ୍ଷକ ନାହାନ୍ତି। ବିଜ୍ଞାନ, ଗଣିତ ଭଳି ମୁଖ୍ୟ ବିଷୟର ଶିକ୍ଷକ ପଦବୀ ଖାଲି ରହିଛି। ପୂର୍ବରୁ ଅନେକ ଥର ଏ ନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଶିକ୍ଷକ ଅଭାବ ଯୋଗୁ ପାଠ ପଢାରେ ବାଧା ସୃଷ୍ଟି ହେଉଛି। ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଅଭିଭାବକଙ୍କ ତରଫରୁ ସରପଞ୍ଚ ମିର୍ଦ୍ଧା ଦାବି ଜଣାଇଛନ୍ତି।


ବିଇଓଙ୍କୁ ଦାବିପତ୍ର ଦେଉଛନ୍ତି ଅଭିଭାବକ।

## ବକେୟା ଦରମା ପାଇଁ ଶିକ୍ଷକଙ୍କ ଆମରଣ ଅନଶନ ଚେତାବନୀ

ବ୍ରଜରାଜନଗର,୧୫।୩ (ଡି.ଏନ.ଏ.)

ବ୍ରଜରଜନଗର ପୌରାଞ୍ଚଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୂର୍ବତନ ଶିକ୍ଷକ ଦାମୋଦର ସେନାପତି ନିଜର ବକେୟା ପାଉଣା ପାଇଁ ଆମରଣ ଅନଶନ କରିବେ ବୋଲି ଲିଖିତ ଆକାରରେ ଜଣାଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ସେ ଉକ୍ତ ବିଦ୍ୟାଳୟରେ ୨୦୧୧ଏପ୍ରିଲଠାରୁ ୨୦୨୨ଜୁନ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ହେଲେ ୨୦୨୨ଜୁନରେ ପରିଚାଳନା କମିଟି ପକ୍ଷରୁ ତାଙ୍କୁ ଦେବଗଡ଼ ବଦଳି କରାଯାଇଥିଲା। କିନ୍ତୁ ରାଗୀଣା ସ୍ତ୍ରୀ ଓ ପିଲାଙ୍କୁ ଛାଡି ସେ ସ୍ୱଳ୍ପ ଦରମାରେ ଦେବଗଡ଼ରେ ରହିପାରିବେ ନାହିଁ ବୋଲି କମିଟିକୁ ଅନୁରୋଧ କରିଥିଲେ। କମିଟି ତାଙ୍କ କଥା ଗ୍ରହଣ ନ କରିବାରୁ ସେ ଚାକିରୀ ଛାଡିବାର ନିଷ୍ପତ୍ତି ନେଇ ବକେୟା ପାଉଣା ମାଗିଥିଲେ। ପରିଚାଳନା କମିଟି କରୋନା ଆଳ ଦେଖାଇ ଦରମା ନ ଦେବାରୁ ସେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଜିଲା ପ୍ରଶାସନ ତାଙ୍କୁ ଧାରଣାରୁ ଉଠାଇବାସହ ବକେୟା ଦରମା ଦେବାକୁ ବିଦ୍ୟାଳୟ କମିଟିକୁ ପରାମର୍ଶ ଦେଇଥିଲେ। ହେଲେ ଏଥିରେ ତାଙ୍କୁ ସୁଫଳ ମିଳିପାରି ନାହିଁ। ୧୫ଦିନ ମଧ୍ୟରେ ତାଙ୍କୁ ଦରମା ନ ମିଳିଲେ ସେ ଅନଶନ କରିବାକୁ ଜଣାଇଛନ୍ତି। ଏହାର କପି ଜିଲାପାଳ ଝାରସୁଗୁଡା, ଓରିଏଣ୍ଟ ଥାନା ଅଧିକାରୀ, ଓଡିଶା ଶିକ୍ଷା ବିକାଶ ସମିତି ପଶ୍ଚିମ ସମ୍ଭାଗ ସମ୍ବଲପୁର ସଙ୍କୁଳ ପ୍ରମୁଖଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନଙ୍କୁ ପଚାରିବାରେ ବିଚାର ବିମର୍ଶ କରି ଖୁବ୍‌ଶୀଘ୍ର ତାଙ୍କୁ ଦରମା ପ୍ରଦାନ କରାଯିବ ବୋଲି କହିଛନ୍ତି।

## ବାର୍ଷିକ କାର୍ଯ୍ୟଖସଡ଼ା ପାଇଁ ସମନ୍ୱୟ ବୈଠକ

ଦେଓଗାଁ,୧୬।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ବୁଧବାର ବାର୍ଷିକ କାର୍ଯ୍ୟ ଖସଡା ପାଇଁ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ସୁରେନ୍ଦ୍ର କୁମାର ମେହେର, ଦାୟିତ୍ୱରେ ଥିବା ଗ୍ରାମପଞ୍ଚାୟତ ଅଧିକାରୀ ବୀଣା ପଧାନ ପ୍ରମୁଖ ଉପସ୍ଥିତ ରହି ବାର୍ଷିକ କାର୍ଯ୍ୟଖସଡା ଉପରେ ଆଲୋଚନା କରିଥିଲେ । ବ୍ଲକର ୨୬ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ପ୍ରମୁଖ ଯୋଗଦେଇଥିଲେ।

## ଜିଲାପାଳଙ୍କ ଓମ୍‌ଫେଡ ତାଲିମ କେନ୍ଦ୍ର ପରିଦର୍ଶନ

ସମ୍ବଲପୁର,୧୫।୩(ବ୍ୟୁରୋ)

ସମ୍ବଲପୁର ଗୋଶାଳାସ୍ଥିତ ଓମ୍‌ଫେଡ ତାଲିମ ଓ ପ୍ରଶିକ୍ଷଣ କେନ୍ଦ୍ରକୁ ଜିଲାପାଳ ଅନନ୍ୟା ଦାସ ବୁଧବାର ପରିଦର୍ଶନ କରିଛନ୍ତି। ସମଲେଶ୍ୱରୀ ଦୁଗ୍ଧ ସମିତି ପକ୍ଷରୁ ଏହି କେନ୍ଦ୍ର ପରିଚାଳିତ ହେଉଛି। ସମିତି ସଭ୍ୟାସଭ୍ୟ ସିଧାସଳଖ ଜିଲାପାଳ ଦାସଙ୍କ ସହ ନିଜ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମିତି ସଭାପତି ବିଦ୍ୟାଧର ସାହୁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସାଧାରଣ ପରିଚାଳକ ନୂତନ ଯୋଜନା ବିଷୟରେ ସୂଚନା ଦେଇଥିଲେ। ମାଈ ବାଛୁରୀଙ୍କୁ ପରିପାଳନ କରିବା, ଟେଲି ଭେଟେରନାରୀ ସେବା ଯୋଗାଇବା, ଘାସ ଚାଷର ବ୍ୟାପକତା, ଦୁଗ୍ଧ ପରିକ୍ଷଣ ଯନ୍ତ୍ର ଅତ୍ୟାଧୁନିକ ମାନର ବ୍ୟବହାର, ନିର୍ମାଣାଧିନ ତାଲିମ କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ କରିବା ନେଇ ଜିଲାପାଳ ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ବଲପୁର ସିଡିଭିଓ ଡା. ଦୀନବନ୍ଧୁ ମିଶ୍ର ଗୋପାଳନ ପାଇଁ ପ୍ରମୁଖ ଖାଦ୍ୟ, ଚିକତ୍ସା ଓ ପରିଚାଳନା ମୁଖ୍ୟ ବିଷୟ ବୋଲି କହିଥିଲେ। କନିଷ୍ଠ ପରିଚାଳକ ଡା. ସଞ୍ଜୀବ କୁମାର ଶତପଥି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଂଘର ବୋର୍ଡ ଅଫ ଡାଇରେକ୍ଟର ଦୟାନନ୍ଦ ଛନ୍ଦ, ରବି ନାରାୟଣ କର୍ମୀ ଉପସ୍ଥିତ ଥିଲେ।


ଜିଲାପାଳ ଅନନ୍ୟା ଦାସ ସମିତି ସଭ୍ୟାସଭ୍ୟଙ୍କ ସହ ଆଲୋଚନା କରୁଛନ୍ତି ।

# ଅଚଳ ହେଲା ପରିବହନ ଯାନ

### ଫୁଲମାଳ ଦେଇ ସ୍ୱାଗତ କଲେ ସଂଘ ସଦସ୍ୟ

ସମ୍ବଲପୁର,୧୫।୩(ବ୍ୟୁରୋ)

ଡ୍ରାଇଭର ମହାସଂଘ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାରେ ସମ୍ବଲପୁର ଜିଲାର ୯ ବ୍ଲକ ଅନ୍ତର୍ଗତ ୨୧ ଗୋଟି ପ୍ରମୁଖ ଛକରେ ସଂଘର ସଦସ୍ୟମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସକାଳ ୬ଟାରୁ ରାତି ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲା। ସଂଘର ସଦସ୍ୟମାନେ ରାସ୍ତାରେ ଯାତାୟାତ କରୁଥିବା ଅନ୍ୟ ଗାଡିର ଡ୍ରାଇଭରମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନର ବାର୍ତ୍ତା ଦେଉଥିଲେ। ହେଲେ କେତେକ ସ୍ଥାନରେ ସଂଘ ସଦସ୍ୟମାନେ ଉତ୍ତେଜିତ ହୋଇ ଅନ୍ୟ ଚାଳକମାନଙ୍କୁ ଗାଡି ରଖିବାକୁ ଧମକଚମକ ଦେଉଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଜିଲାରେ ମୋଟାମୋଟି ଭାବେ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ରହିଥିଲା। ହେଲେ ଆନ୍ଦୋଳନ ଯୋଗୁ ପରିବହନ ଯାନ ଏକପ୍ରକାର ଅଚଳ ହୋଇପଡିଥିଲା।



ଏକ ଗାଡ଼ି ଅଟକାଉଛନ୍ତି ଆନ୍ଦୋଳନକାରୀ।


ଡ୍ରାଇଭରଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଉଛି ।

ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି କହିଛନ୍ତି, ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଡ୍ରାଇଭର ସଂଘ ସହ ଆଲୋଚନା ହୋଇଥିଲା। ଉତ୍ତେଜନା ପ୍ରକାଶ ପାଇଥିଲେ ମଧ୍ୟ ନିୟନ୍ତ୍ରଣାଧୀନ ରହିଛି। ବ୍ୟାପକ ପୋଲିସ ବ୍ୟବସ୍ଥା କରଯାଇଛି। କୌଣସି ବଡଧରଣର ଅଘଟଣ ଘଟିନାହିଁ ବୋଲି ସେ କହିଥିଲେ। ଅନ୍ୟପଟେ ମହାସଂଘ ଜିଲା ସଭାପତି ମାନଭଞ୍ଜନ ମହାନା କହିଛନ୍ତି, ଆନ୍ଦୋଳନ ଜାରି ରହିବ। ସରକାର ଦାବି ପୂରଣ ନ କରିବା ଯାଏ ରାସ୍ତାରେ ଡ୍ରାଇଭାରମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବେ। ବୀମା, କ୍ଷତିପୂରଣ, ସମାଜିକ ସୁରକ୍ଷା, ରାସ୍ତାରେ ବିଶ୍ରାମାଗାର ଓ ଶୌଚାଳୟ, ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଭଳି ୧୦ ଦଫା ଦାବି ନେଇ ଡ୍ରାଇଭର ମହାସଂଘ ରାସ୍ତାକୁ ଓହ୍ଲାଇଛି। ଘରୋଇ ଗାଡି, ସ୍କୁଲ ଗାଡି, ଜରୁରିକାଳୀନ ଗାଡିଗୁଡିକ ଯାତାୟାତ କରୁଥିଲା। ହେଲେ ପରିବହନ କରୁଥିବା ଯାନ ଅଚଳ ହୋଇପଡିଥିଲା। ରାସ୍ତାରେ ହଜାର ହଜାର ଟ୍ରକ୍ ଗୁଡିକ ଛିଡା ହୋଇରହିଥିଲେ। ରାଜ୍ୟ ବାହାରକୁ ଯିବା ଆସିବା କରୁଥିବା ଭାରିଯାନଗୁଡିକ ଅଟକି ଯିବାରୁ ସେଥିରେ ଥିବା ଡ୍ରାଇଭର ଓ ହେଲପରମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଖାଇବା ପିଇବାରେ ସମସ୍ୟା ହେଉଥିଲା। ଅଭିଯୋଗ କରିବା ପରେ ପୋଲିସ ସୁରକ୍ଷାରେ ଆନ୍ଦୋଳନ ସ୍ଥଳରୁ ବାହାରି ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ। ପୂର୍ବରୁ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ବିଫଳ ହୋଇଥିଲେ।

